ଆଜି - ରବିବାର
ତାରିଖ - ୦୨ ଅଗଷ୍ଟ ୨୦୨୬
ମାସ - କର୍କଟ, ଦିନ - ୧୭
ତିଥି - ଚତୁର୍ଥୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ପୂର୍ବଭାଦ୍ର, କୁମ୍ଭ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୨୭:୦୦
ସୂର୍ଯ୍ୟାସ୍ତ - ୬:୧୯:୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ବର୍ଷା ହେବା ସମୟରେ ସବୁ ପକ୍ଷୀ ଆଶ୍ରୟ ନିଅନ୍ତି । କିନ୍ତୁ ବାଦଲ ଉପରେ ଉଡ଼ି ଛଂଚାଣ ମେଘକୁ ଏଡ଼ାଇ ଯାଏ ।"
- ଡ. ଏପିଜେ ଅବ୍ଦୁଲ୍ କଲାମ୍

E-mail: ajikalibls@gmail.com
E-News : www.Ajikali epaper.com

Vol.- 41 ISSUE- 110 R.N.I. REGD. No. 44026/86 ବାଲେଶ୍ୱର ୦୨ ଅଗଷ୍ଟ ୨୦୨୬ ରବିବାର BALASORE 02 AUGUST 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

## ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଲ୍ -୨୦୨୬କୁ ଅନୁମୋଦନ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ:ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପେପର ଲିକ୍ ବିରୋଧୀ ଆଇନର ସଂଶୋଧନ ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି । ଏହା ସହିତ ପେପର ଲିକ୍ ଆଇନରେ ଦଣ୍ଡ ବ୍ୟବସ୍ଥା ଏବେ ଆହୁରି କଠୋର ହୋଇଯାଇଛି । ନୂତନ ବ୍ୟବସ୍ଥା ଅନୁଯାୟୀ, ପେପର ଲିକ୍ ମାମଲାରେ ଫଇସଲା ତିନି ମାସ ମଧ୍ୟରେ ନିଆଯିବ । ଦୋଷୀଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଦଣ୍ଡିତ କରାଯିବ । ପେପର ଲିକ୍ ବିରୋଧୀ ସଂଶୋଧନ ବିଲ୍ ସମ୍ପର୍କରେ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଥିଲେ ଯେ ଏହି ବିଲ୍ ପେପର ଲିକ୍‌ର ସମ୍ପୂର୍ଣ୍ଣ ନେଟୱାର୍କକୁ ସମାପ୍ତ କରିବାର ଏକ ପ୍ରୟାସ । ଏହି ବିଲ୍ ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା, ବିଶ୍ୱସନୀୟତା ଏବଂ ନିରପେକ୍ଷତା ବୃଦ୍ଧି କରିବ । ଜାରି ହୋଇଥିବା ଏକ ଗେଜେଟ୍ ବିଜ୍ଞପ୍ତିରେ ଆଇନ ମନ୍ତ୍ରଣାଳୟ କହିଛି ଯେ, ରାଷ୍ଟ୍ରପତି ଚଳିତ ସପ୍ତାହର ଆରମ୍ଭରେ ସଂସଦର ଉଭୟ ଗୃହ ଦ୍ୱାରା ମଞ୍ଜୁରୀ ପାଇବା ପରେ ପବ୍ଲିକ୍ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬କୁ ଅନୁମୋଦନ କରିଛନ୍ତି । ହଟ୍ଟଗୋଳ ମଧ୍ୟରେ ଲୋକସଭାରେ ସଂଶୋଧନ ବିଲ୍ ଗୃହୀତ ହୋଇଥିଲା । ବିଲ୍ ଗୃହୀତ ହେବା ପରେ, ଶିକ୍ଷା ମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟରେ କହିଥିଲେ ଲୋକସଭା ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬ ପାସ୍ କରିଛି, ଯାହା ପରୀକ୍ଷା ତ୍ରୁଟିର ସମାଧାନ ପାଇଁ ଏକ ଦୃଢ଼ ଆଇନଗତ ଢାଂଚା ସୃଷ୍ଟି କରିବ । କଠୋର ଦଣ୍ଡ, ଦ୍ରୁତ ଅଦାଲତ, ଉନ୍ନତ ତଦନ୍ତ ପଦ୍ଧତି ଏବଂ ପରୀକ୍ଷା ତ୍ରୁଟି ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପ୍ରଦାନ କରୁଥିବା ଏହି ବିଲ୍ ପ୍ରଶ୍ନପତ୍ର ଲିକ୍‌ର ସମ୍ପୂର୍ଣ୍ଣ ନେଟୱାର୍କକୁ ଦୂର କରିବା ଏବଂ ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା, ବିଶ୍ୱସନୀୟତା ଏବଂ ନିରପେକ୍ଷତା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି ।' ପେପର ଲିକ୍ ମାମଲାର ଶୁଣାଣି ପାଇଁ ପ୍ରତ୍ୟେକ ରାଜ୍ୟରେ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯିବ, ଯେଉଁଠାରେ ପ୍ରତିଦିନ ଶୁଣାଣି ହେବ ଏବଂ ୯୦ ଦିନ ମଧ୍ୟରେ ବିଚାର ସମାପ୍ତ ହେବ ଏବଂ ଦଣ୍ଡାଦେଶ କରାଯିବ । ୨୦୨୪ ଆଇନରେ ୩ ରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡର ବ୍ୟବସ୍ଥା ଥିଲା । ଏବେ ଏହାକୁ ୫ ରୁ ୧୦ ବର୍ଷ କରାଯାଇଛି । ୨୦୨୪ ଆଇନରେ ପେପର ଲିକ୍ ପାଇଁ ୧୦ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା । ଏହାକୁ ଏବେ ୧୦ କୋଟି ଟଙ୍କାକୁ ବୃଦ୍ଧି କରାଯିବ । ପୂର୍ବରୁ କେନ୍ଦ୍ରୀୟ ତଦନ୍ତ ସଂସ୍ଥା ପେପର ଲିକ୍ ମାମଲାଗୁଡ଼ିକର ତଦନ୍ତ କରୁଥିଲା । ଏବେ, ପେପର ଲିକ୍ ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯିବ । ୨୦୨୪ ଆଇନରେ ପେପର ଲିକ୍ ମାମଲାର ତଦନ୍ତ ସମାପ୍ତ କରିବା ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇ ନଥିଲା, କିନ୍ତୁ ଏବେ ନୂତନ ସଂଶୋଧନରେ କୁହାଯାଇଛି ଯେ ତଦନ୍ତ ୨ ମାସ ମଧ୍ୟରେ ସମାପ୍ତ ହେବ ।



## ଆନ୍ଧ୍ରପ୍ରଦେଶର ଭୋଗାପୁରମରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ






ଭୋଗାପୁରମ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଆନ୍ଧ୍ର ପ୍ରଦେଶର ବିଜୟନଗରମ ଜିଲ୍ଲାର ଭୋଗାପୁରମରେ ୧୭,୯୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶ ପ୍ରକଳ୍ପର ଉଦ୍ଘାଟନ, ଲୋକାର୍ପଣ ଏବଂ ଶିଳାନ୍ୟାସ କରିଥିଲେ । ପ୍ରଧାନମନ୍ତ୍ରୀ ଏହା ପୂର୍ବରୁ ଭୋଗାପୁରମସ୍ଥିତ ଅଲ୍ଲୁରୀ ସୀତାରାମ ରାଜୁ ଆନ୍ତର୍ଜାତୀୟ ବିମାନବନ୍ଦରର ଯାତ୍ରୀ ଟର୍ମିନାଲର ପରିଦର୍ଶନ କରିଥିଲେ । ଏହାପରେ ସରକାରୀ-ବେସରକାରୀ ଭାଗୀଦାରି (ପିପିପି) ମଡେଲ୍ ଅଧୀନରେ ୫,୬୪୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ବିକଶିତ ଏହି ଗ୍ରିନଫିଲ୍ଡ ଆନ୍ତର୍ଜାତୀୟ ବିମାନବନ୍ଦରର ଉଦ୍ଘାଟନ କରିଥିଲେ ଏବଂ ଭୋଗାପୁରମରେ ୧୭,୯୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶ ପ୍ରକଳ୍ପର ଶିଳାନ୍ୟାସ କରି ସେଗୁଡ଼ିକୁ ଜାତିଙ୍କୁ ସମର୍ପଣ କରିଥିଲେ । ବାର୍ଷିକ ୬୦ ଲକ୍ଷ ଯାତ୍ରୀ କ୍ଷମତା ବିଶିଷ୍ଟ ଏହି ବିମାନବନ୍ଦରରେ କୃତ୍ରିମ ବୁଦ୍ଧିମତା (ଏଆଇ), ବାୟୋମେଟ୍ରିକ୍ ଯାତ୍ରୀ ପ୍ରକ୍ରିୟାକରଣ, ସ୍ୱୟଂଚାଳିତ ବ୍ୟାଗେଜ୍ ପ୍ରଣାଳୀ ଏବଂ ଏୟାରପୋର୍ଟ ପ୍ରେଡିକ୍ଟିଭ୍ ଅପରେଶନ୍ସ ସେଂଟର ପରି ଅତ୍ୟାଧୁନିକ ପ୍ରଯୁକ୍ତିର ବ୍ୟବହାର କରାଯାଇଛି । ଏହାର ସ୍ଥାପତ୍ୟ ଆନ୍ଧ୍ର ପ୍ରଦେଶର ପାରମ୍ପରିକ 'ଚୁଟ୍ଟିଲୁ' ଝୋପଡ଼ି, ଆରାକୁ ଉପତ୍ୟକା ଏବଂ ଉଡୁଥିବା ମାଛରୁ ପ୍ରେରିତ । ପ୍ରଧାନମନ୍ତ୍ରୀ ବିଶାଖାପଟ୍ଟଣମରେ ୪୬୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ଆନ୍ଧ୍ର ପ୍ରଦେଶର ପ୍ରଥମ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ର ମଧ୍ୟ ଶିଳାନ୍ୟାସ କରିଥିଲେ । ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ୍ ଅଧୀନରେ ଅନୁମୋଦିତ ଏହି ପ୍ରକଳ୍ପ ଏଏସଆଇପି ଟେକ୍ନୋଲୋଜିଜ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଦକ୍ଷିଣ କୋରିଆର ଏପିଏସିଟିର ସହଯୋଗରେ ବିକଶିତ ହେଉଛି । ଏହି କାରଖାନାରେ ପ୍ରତିବର୍ଷ ପ୍ରାୟ ୯.୬ କୋଟି ସେମିକଣ୍ଡକ୍ଟର ଚିପ୍ର ଉତ୍ପାଦନ ହେବ ଏବଂ ଉଚ୍ଚ କୌଶଳସମ୍ପନ୍ନ ରୋଜଗାରର ନୂତନ ସୁଯୋଗ ସୃଷ୍ଟି ହେବ । ଏହାଛଡ଼ା ପ୍ରଧାନମନ୍ତ୍ରୀ ପ୍ରାୟ ୫,୫୫୦ କୋଟି ଟଙ୍କା ବ୍ୟୟରେ କୁର୍ନୁଲ-୪ ଅକ୍ଷୟ ଶକ୍ତି କ୍ଷେତ୍ର (ଆରଇଜେଡ୍) ଫେଜ୍-୧ ଟ୍ରାନ୍ସମିଶନ୍ ପ୍ରଣାଳୀର ଶିଳାନ୍ୟାସ କରିଥିଲେ । ସେ ପ୍ରାୟ ୩,୫୫୦ କୋଟି ଟଙ୍କା ଏବଂ ୮୨୦ କୋଟି ଟଙ୍କା ବ୍ୟୟରେ ପ୍ରସ୍ତୁତ ବିଭିନ୍ନ ବିଦ୍ୟୁତ ପାରେଷଣ ପ୍ରକଳ୍ପର ଉଦ୍ଘାଟନ ମଧ୍ୟ କରିଥିଲେ । ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ କୁର୍ନୁଲ ଏବଂ ଅନନ୍ତପୁରର ଅକ୍ଷୟ ଶକ୍ତି କ୍ଷେତ୍ରରୁ ଉତ୍ପାଦିତ ବିଦ୍ୟୁତକୁ ଜାତୀୟ ଗ୍ରିଡ୍ ମାଧ୍ୟମରେ ସମଗ୍ର ଦେଶରେ ଅଧିକ ଭଲ ଭାବରେ ବଂଟନ କରିବା ସମ୍ଭବ ହେବ ଏବଂ ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହନ ମିଳିବ । ପ୍ରଧାନମନ୍ତ୍ରୀ ୧,୮୮୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକର ମଧ୍ୟ ଲୋକାର୍ପଣ ଏବଂ ଶିଳାନ୍ୟାସ କରିଥିଲେ । ଏଥିରେ ଏନଏଚ-୩୬୫ବିଜିର ରେଚେର୍ଲା-ଗୁରୁଭାୟଗୁଡେମ ଏବଂ ଗୁରୁଭାୟଗୁଡେମ-ଦେବରାପଲ୍ଲେ ଗ୍ରିନଫିଲ୍ଡ ଚାରି ଲେନ୍ ଖଣ୍ଡ, ଏନଏଚ-୬୭ ଉପରେ ତାଡିପତ୍ରୀ ବାଇପାସ୍ ଏବଂ ଏନଏଚ-୫୬୫ ଉପରେ ଲିଙ୍ଗସମୁଦ୍ରମ ଉଚ୍ଚସ୍ତରୀୟ ସେତୁ ସାମିଲ ଅଛି । ଏହି ପ୍ରକଳ୍ପଗୁଡ଼ିକ ଫଳରେ ବିଜୟଓ୍ୱାଡ଼ା ସହିତ ଅନେକ ସହରରେ ଯାତାୟାତ ଚାପ କମିବ, ସଡ଼କ ସୁରକ୍ଷା ବୃଦ୍ଧି ପାଇବ ଏବଂ ବିଶାଖାପଟ୍ଟଣମ-ହାଇଦ୍ରାବାଦ ମଧ୍ୟରେ ଯାତ୍ରା ସମୟ କମିବ ।

## ୫ଟି ଜିଲ୍ଲାର ବନ୍ୟାଂଚଳ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ ବନ୍ୟାସ୍ଥିତିର କଲେ ସମୀକ୍ଷା



ଭୁବନେଶ୍ୱର : ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶମାର୍ଗରୁ ରାଜ୍ୟର ୫ଟି ଜିଲ୍ଲାର ୧୨ଟିରୁ ଅଧିକ ବ୍ଲକରେ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଉପସ୍ଥିତ ଥିଲେ । ପରିଦର୍ଶନ ପରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହିସବୁ ଅଂଚଳର ଅନେକ ଗାଁ ପାଣି ଘେରରେ ଅଛି । ପରିସ୍ଥିତି ଧିରେ ଧିରେ ସୁଧୁରୁଛି । ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡି ଯିବାର ସମ୍ଭାବନା ଅଛି । ଏଥିସହିତ ବନ୍ୟା ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆକଳନ ପରେ ତୁରନ୍ତ କୃଷି ଓ ଘରଭଙ୍ଗା ଇତ୍ୟାଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ ଓ ବିଂଝାରପୁର, ଭଦ୍ରକ ଜିଲ୍ଲାର ଧାମନଗର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ସୋର, ରେମୁଣା ଓ ବାଲେଶ୍ୱର ସଦର, ମୟୂରଭଞ୍ଜ ଜିଲ୍ଲାର ବଡସାହି, ଉଦଳା ଓ କପ୍ତିପଦାର କିଛି ପ୍ରଭାବିତ ଅଂଶ ଏବଂ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଭାବିତ ଅଂଚଳ ଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ବନ୍ୟା ପରିସ୍ଥିତି ଉପରେ ତାଙ୍କର ସମ୍ପୂର୍ଣ୍ଣ ନଜର ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଛି । ସବୁ ବିପର୍ଯ୍ୟୟ ପରି ଏହି ବନ୍ୟାରେ ମଧ୍ୟ ତରକ୍ସ୍କଟ ଉବସ୍ବଙ୍କବକ୍ଷସ୍ବଚ କୁ ଗୁରୁତ୍ୱ ଦିଆଯାଇଛି ।

## ଅଜିତ ଡୋଭାଲଙ୍କୁ ସମ୍ମାନଜନକ ଲୋକମାନ୍ୟ ତିଲକ ଜାତୀୟ ପୁରସ୍କାରରେ ସମ୍ମାନିତ କଲେ ଅମିତ ଶାହ




ପୁଣେ: ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲଙ୍କୁ ମହାରାଷ୍ଟ୍ରର ପୁଣେରେ ଆୟୋଜିତ ଏକ ସମାରୋହରେ ମର୍ଯ୍ୟାଦାଜନକ ଲୋକମାନ୍ୟ ତିଲକ ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଦେଶର ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଜିତ ଡୋଭାଲଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି । ପୁରସ୍କାର ଗ୍ରହଣ କରିବା ପରେ ଅତିଥିମାନେ ଡୋଭାଲଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ ଏବଂ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଥିଲେ । ୮୧ ବର୍ଷୀୟ ଅଜିତ ଡୋଭାଲ ଭାରତରେ ସବୁଠାରୁ ଦୀର୍ଘକାଳୀନ ଜାତୀୟ ସୁରକ୍ଷା ପରାମର୍ଶଦାତା ଏବଂ ବର୍ତ୍ତମାନ ଏହି ପଦବୀରେ ଅଛନ୍ତି । ତାଙ୍କର ଦୀର୍ଘ କ୍ୟାରିୟର ମଧ୍ୟରେ, ସେ ମିଜୋରାମ, ସିକିମ, ପଞ୍ଜାବ ଏବଂ ଜମ୍ମୁ ଏବଂ କାଶ୍ମୀର ଭଳି ସମ୍ବେଦନଶୀଳ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି । ସେ ଇସଲାମାବାଦ ଏବଂ ଲଣ୍ଡନରେ ଭାରତୀୟ ମିଶନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଡୋଭାଲ ଭାରତ-ଚୀନ୍ ସୀମା ଆଲୋଚନା ପାଇଁ ଭାରତର ସ୍ୱତନ୍ତ୍ର ପ୍ରତିନିଧି ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ । ୨୦୧୭ରେ ଡୋକଲାମ ଗତିରୋଧକୁ କୂଟନୈତିକ ଭାବରେ ସମାଧାନ କରିବାରେ ତାଙ୍କର ଭୂମିକାକୁ ବିଶେଷ ଭାବରେ ପ୍ରଶଂସା କରାଯାଇଥିଲା । ଜାତୀୟ ସୁରକ୍ଷା ମୋର୍ଚ୍ଚା ଏବଂ ଆତଙ୍କବାଦ ବିରୋଧୀ ଅଭିଯାନରେ ତାଙ୍କର ରଣନୈତିକ ନିଷ୍ପତି ପାଇଁ ତାଙ୍କୁ ସମ୍ମାନିତ କରାଯାଉଛି । ଲୋକମାନ୍ୟ ତିଲକ ପୁରସ୍କାର ୧୯୮୩ ମସିହାରେ ପୁଣେର ମହାରାଷ୍ଟ୍ର ମଣ୍ଡଳ ଦ୍ୱାରା ଆରମ୍ଭ କରାଯାଇଥିଲା ।

### ଅଳ୍ପରେ ଖବର

- ମହାନଦୀରେ ଆଉ ବନ୍ୟାର ଆଶଙ୍କା ନାହିଁ । ଦୁଇ ଦିନ ତଳେ ପିକ ଫ୍ଲଡ଼ ଥିଲା ହେଲେ ଆଜି ହୀରାକୁଦ ବନ୍ଧ ଏକ ବଡ଼ ବନ୍ୟାକୁ ରୋକିଲା ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି ।
- ୧୯ କେଜି ବିଶିଷ୍ଟ କମର୍ସିଆଲ୍ ଏଲ୍‌ପିଜି ସିଲିଣ୍ଡର ଦର କମି ବ୍ୟବସାୟୀମାନଙ୍କୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିଛି । ଅଗଷ୍ଟ ପହିଲାରୁ ଏଭିଏସନ୍ ଟର୍ବାଇନ୍ ଫୁଏଲ୍ ଅର୍ଥାତ୍ ବିମାନ ଇନ୍ଧନର ଦର ଲିଟର ପ୍ରତି ୫ ଟଙ୍କା ବୃଦ୍ଧି ପାଇଛି ।

## ନିଟ୍-ପିଜି ୨୦୨୬ର ପ୍ରସ୍ତୁତି ସମୀକ୍ଷା କଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ୩୦ ଅଗଷ୍ଟ ୨୦୨୬ ରେ ଅନୁଷ୍ଠିତ ହେବାକୁ ଥିବା ପରୀକ୍ଷାର ସୁଗମ, ସୁରକ୍ଷିତ, ସ୍ୱଚ୍ଛ ଏବଂ ପ୍ରଯୁକ୍ତିବିଦ୍ୟା-ସକ୍ଷମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସ୍ନାତକୋତର ୨୦୨୬ ପାଇଁ ଜାତୀୟ ଯୋଗ୍ୟତା-ସହ-ପ୍ରବେଶ ପରୀକ୍ଷା ପାଇଁ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ସମୀକ୍ଷା ସମୟରେ, ମନ୍ତ୍ରୀ ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ସ ଇନ୍ ମେଡିକାଲ୍ ସାଇନ୍ସେସ୍, ପ୍ରଯୁକ୍ତିବିଦ୍ୟା ଅଂଶୀଦାର ଏବଂ ପରୀକ୍ଷା ପରିଚାଳନାରେ ସାମିଲ ଅନ୍ୟାନ୍ୟ ଅଂଶୀଦାରଙ୍କ ପ୍ରସ୍ତୁତି ମୂଲ୍ୟାଙ୍କନ କରିଛନ୍ତି । ତାଙ୍କୁ ପରୀକ୍ଷା ଲଜିଷ୍ଟିକ୍ସ, ପ୍ରାର୍ଥୀଙ୍କ ସୁବିଧା ପଦକ୍ଷେପ, ସୁରକ୍ଷା ସ୍ଥାପତ୍ୟ ଏବଂ ସ୍ନାତକୋତର ୨୦୨୬ ପାଇଁ ପ୍ରଚଳିତ ପ୍ରଯୁକ୍ତିବିଦ୍ୟା-ଚାଳିତ ହସ୍ତକ୍ଷେପ ବିଷୟରେ ସୂଚନା ଦିଆଯାଇଥିଲା । ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ସଚ୍ଚୋଟତା ଏବଂ ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖି ଏକ ନିରପେକ୍ଷ, ସ୍ୱଚ୍ଛ ଏବଂ ପ୍ରାର୍ଥୀ-ଅନୁକୂଳ ପରୀକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରୟାସ କରାଯିବା ଆବଶ୍ୟକ । ମୋଟ ୨,୭୩,୧୮୩ ଜଣ ପ୍ରାର୍ଥୀ ସ୍ନାତକୋତର ୨୦୨୬ ପାଇଁ ସଫଳତାର ସହ ପଞ୍ଜୀକରଣ କରିଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୧୨.୫% ରୁ ଅଧିକ ବୃଦ୍ଧି । ପରୀକ୍ଷା ପ୍ରାୟ ୩୪୦ ସହର ଏବଂ ୧,୩୦୦ ରୁ ଅଧିକ ପରୀକ୍ଷା କେନ୍ଦ୍ରରେ ଗୋଟିଏ ସିଫ୍ଟରେ ଅନୁଷ୍ଠିତ ହେବ, ଯାହା ସାରା ଦେଶରେ ପ୍ରାର୍ଥୀଙ୍କ ପାଇଁ ପହଂଚିବା ସୁବିଧାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ । ଶ୍ରୀ ଜଗତ ପ୍ରକାଶ ନଡ୍ଡା ପରୀକ୍ଷା ସମ୍ବନ୍ଧୀୟ ଗୁଜବ କିମ୍ବା ପ୍ରତାରଣାମୂଳକ ଦାବି ଦ୍ୱାରା ଭ୍ରମିତ ନ ହେବାକୁ ପ୍ରାର୍ଥୀମାନଙ୍କୁ ଅନୁରୋଧ କରିଥିଲେ । ସେ ଆଲୋକପାତ କରିଥିଲେ ଯେ ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପୂର୍ବରୁ ଚୂଡ଼ାନ୍ତ ପ୍ରଶ୍ନପତ୍ର ଏକ ଅତ୍ୟନ୍ତ ସୁରକ୍ଷିତ, ଏନକ୍ରିପ୍ଟ କରାଯାଇଥିବା ଏବଂ ସମୟସୀମାବଦ୍ଧ ପ୍ରକ୍ରିୟା ମାଧ୍ୟମରେ ଚୟନ କରାଯାଏ, ଯାହା ନିର୍ଦ୍ଧାରିତ ଆରମ୍ଭ ସମୟ ପର୍ଯ୍ୟନ୍ତ ଏହାର ଗୋପନୀୟତାକୁ ସୁନିଶ୍ଚିତ କରେ । ତେଣୁ ପ୍ରଶ୍ନପତ୍ର ପୂର୍ବରୁ କାହା ପାଖରେ ପହଂଚିବାର ଦାବି ସମ୍ପୂର୍ଣ୍ଣ ମିଥ୍ୟା ଏବଂ ପ୍ରାର୍ଥୀମାନଙ୍କୁ ଭ୍ରମିତ କରିବା ପାଇଁ ଉଦ୍ଦିଷ୍ଟ ।

## ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପ୍ରଭାବିତ ରାଜ୍ୟଗୁଡ଼ିକୁ ୨,୧୧୭.୮୫ କୋଟିର ଅଗ୍ରୀମ ଆର୍ଥିକ ସହାୟତା ଓଡ଼ିଶା ପାଇଁ ଦ୍ୱିତୀୟ କିସ୍ତିରେ ୫୦୦ କୋଟି ଟଙ୍କା ମଞ୍ଜୁର

ନୂଆଦିଲ୍ଲୀ / ଭୁବନେଶ୍ୱର: ମୌସୁମୀ ବର୍ଷା ବିପ୍ରାତରେ ଦେଶର ବିଭିନ୍ନ ରାଜ୍ୟ ବନ୍ୟା କବଳିତ ହୋଇଛନ୍ତି । ଏହି ପରିସ୍ଥିତିରେ ଆବଶ୍ୟକ ରିଲିଫ, ଉଦ୍ଧାର ଓ ପୁନର୍ବାସ ସହାୟତା ଯୋଗାଇବାକୁ କେନ୍ଦ୍ର ସରକାର ନିଜର ପ୍ରତିବଦ୍ଧତା ଦେଖାଇଛନ୍ତି । ଏହିକ୍ରମରେ ୨ ହଜାର ୧୧୭ କୋଟି ୮୫ ଲକ୍ଷ ଟଙ୍କାର କେନ୍ଦ୍ରୀୟ ସହାୟତା ମଞ୍ଜୁର କରାଯାଇଛି । ଏହା ରାଜ୍ୟଗୁଡ଼ିକର ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରେ କେନ୍ଦ୍ରୀୟ ଅବଦାନ ଭାବେ ପ୍ରଦାନ କରାଯିବ । ଏ ଭିତରେ ସାତୋଟି ବନ୍ୟା ପ୍ରଭାବିତ ରାଜ୍ୟର ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍ଡିଆର୍ଏଫ୍)ଙ୍କୁ ପ୍ରଥମ କିସ୍ତି କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯାଇଥିବା ବେଳେ ହିମାଚଳ ପ୍ରଦେଶ, ନାଗାଲ୍ୟାଣ୍ଡ ଓ ଓଡ଼ିଶାକୁ ଦ୍ୱିତୀୟ କିସ୍ତି ଅର୍ଥରାଶି ମଞ୍ଜୁର କରାଯାଇଛି । ଓଡ଼ିଶା ପାଇଁ ମଞ୍ଜୁର ହୋଇଥିବା ସହାୟତା ରାଶିର ପରିମାଣ ରହିଛି ୫୦୦ କୋଟି ଟଙ୍କା । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏ ନେଇ ଏକ ବିବୃତିରେ ସ୍ପଷ୍ଟ କରିଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଚଳିତ ବର୍ଷ ମୌସୁମୀ ଋତୁ ଆରମ୍ଭରୁ ହିଁ ଭାରତ ସରକାର ରାଜ୍ୟ ସରକାରଗୁଡ଼ିକ ସହ ପ୍ରତ୍ୟକ୍ଷ ସମନ୍ୱୟ ରଖି ବନ୍ୟା ପରିସ୍ଥିତି ଉପରେ କ୍ରମାଗତ ନଜର ରଖିଛନ୍ତି । ଆବଶ୍ୟକ ସ୍ଥଳେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀର ପୂର୍ବ-ମୁତୟନ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଲଜିଷ୍ଟିକାଲ୍ ସହାୟତା ସମେତ କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେଇଛନ୍ତି । କ୍ଷୟକ୍ଷତିର ଆକଳନ କରିବା ପାଇଁ ଅରୁଣାଚଳ ପ୍ରଦେଶ ଏବଂ ଆସାମକୁ ଆନ୍ତଃ-ମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ (ଆଇଏମ୍ସିଟି) ଗସ୍ତ କରିଛନ୍ତି । ବନ୍ୟା ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଆସାମ ପାଇଁ ଦୁଇଟି କେନ୍ଦ୍ରୀୟ ଟିମ୍ ଗଠନ କରାଯାଇଛି । ସେହିପରି ନାଗାଲାଣ୍ଡ ସରକାରଙ୍କ ଅନୁରୋଧ କ୍ରମେ ସେହି ରାଜ୍ୟ ପାଇଁ ମଧ୍ୟ ଗୋଟିଏ କେନ୍ଦ୍ରୀୟ ଗଠନ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ଏହି ବିବୃତିରେ ସୂଚିତ କରାଯାଇଛି । ଏହା ବ୍ୟତୀତ, ରିଲିଫ୍ ସମ୍ବନ୍ଧୀୟ ସମ୍ବଳର ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି, ପ୍ରଯୁଜ୍ୟ ନିର୍ଦ୍ଦେଶାବଳୀ ଅଧୀନରେ ଥିବା ନଥିପତ୍ର ଆବଶ୍ୟକତାକୁ କୋହଳ କରି ଅରୁଣାଚଳ ପ୍ରଦେଶ, ଆସାମ, ଗୁଜରାଟ ଏବଂ ମହାରାଷ୍ଟ୍ର ଏସ୍ଡିଆର୍ଏଫ ପାଇଁ କେନ୍ଦ୍ରୀୟ ଭାଗର ପ୍ରଥମ କିସ୍ତିର ଅଗ୍ରିମ ରାଶି ମଧ୍ୟ ମଞ୍ଜୁର କରାଯାଇଛି । ପ୍ରଭାବିତ ରାଜ୍ୟଗୁଡ଼ିକ ପାଇଁ ମଞ୍ଜୁର ହୋଇଥିବା ସହାୟତା ମଧ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷ ଏସ୍ଡିଆର୍ଏଫ ପାଇଁ କେନ୍ଦ୍ରୀୟ ଭାଗର ପ୍ରଥମ କିସ୍ତିକୁ ଅଗ୍ରୀମ ଭାବେ ଅରୁଣାଚଳ ପ୍ରଦେଶକୁ ପ୍ରଦାନ କରାଯାଇଛି ।

# ବାଲେଶ୍ୱର ଏମ୍ସ ସାଟେଲାଇଟ୍ ସେଂଟର ସମ୍ମୁଖରେ ଗଣବିକ୍ଷୋଭ

ବାଲେଶ୍ୱର(ନି.ପ୍ର.) ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବାଲେଶ୍ୱର ଏମ୍ସ ସାଟେଲାଇଟ୍ ସେ□ର ସମ୍ମୁଖରେ ଶନିବାର ଦିନ ୯ଟାରୁ ୧୨ଟା ପର୍ଯ୍ୟନ୍ତ ଶତାଧିକ ବ୍ୟକ୍ତି ବିକ୍ଷୋଭ ପ୍ରଦର୍ଶନ କରି ଗଣଧାରଣାରେ ବସିଥିଲେ । ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏମ୍ସ ସାଟେଲାଇଟ୍ ସେ□ରକୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ କରିବା ଦାବିରେ ଏହି ବିକ୍ଷୋଭ ସମାବେଶ ପାଇଁ ଆହ୍ୱାନ ଦିଆଯାଇଥିଲା । ବିକ୍ଷୋଭ ସଭାସ୍ଥଳରେ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଓ ଉପସଭାପତି ନିରଞ୍ଜନ ରାଉତ ଅଧ୍ୟକ୍ଷତା କରିଥିଲେ । ଦୀର୍ଘ ଆଠବର୍ଷ ଧରି ବାଲେଶ୍ୱରରେ ଏମ୍ସର ବହିର୍ବିଭାଗ ସପ୍ତାହକୁ ମାତ୍ର ଦୁଇଦିନ କାର୍ଯ୍ୟ କରୁଛି । ୩୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍ ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ । ତେଣୁ ଏହି ସମାବେଶରେ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା ଓ ସମସ୍ତ ବ୍ଲକ୍ର କର୍ମକ□ାଙ୍କ ସମେତ ବିଭିନ୍ନ ଗଣସଂଗଠନ ଓ ରାଜନୈତିକ




ଦଳର ନେତୃବୃନ୍ଦ ବିକ୍ଷୋଭ ସ୍ଥଳରେ କ୍ରିୟାନୁଷ୍ଠାନ କମିଟିର ଦାବି ଓ ଆନ୍ଦୋଳନକୁ ସେମାନଙ୍କର ଦୃଢ଼ ସମର୍ଥନ ଜଣାଇ ଜାତୀୟସ୍ତରର ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ କରିବାକୁ ସେମାନେ ମତ ଦେଇଥିଲେ ।

ଏହି ସମାବେଶରେ ରାଜନୈତିକ ଦଳମାନଙ୍କ ପକ୍ଷରୁ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସୁଧାଂଶୁ ଶେଖର ପରିଡ଼ା, ଡ. ଲେଖାଶ୍ରୀ ସାମନ୍ତ ସିଂହାର, ଦିଲ୍ଲୀପ ଗିରି, ସତ୍ୟଶିବ ଦାସ, ଅକ୍ଷୟ ମଲ୍ଲିକଙ୍କ ସମେତ ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, କ୍ରିୟାନୁଷ୍ଠାନ କମିଟିର କର୍ମକ□ା ଇଂ. ଡ. ହୃଷିକେଶ ସାହୁ, ଶତୃଘ୍ନ ମଲ୍ଲିକ, ମାୟାଧର ନାୟକ, ବିଜୟ ପାତ୍ର, ଡ. ଅଜିତ୍ ମହାନ୍ତି, ପ୍ରେମରଂଜନ ପାତ୍ର, ରମେଶ ଚନ୍ଦ୍ର ଜେନା, ଶ୍ୟାମସୁନ୍ଦର ଜେନା, ଗୌରାଙ୍ଗ ପାଣିଗ୍ରାହୀ, କୁମୁଦ ରଂଜନ ଗିରି, ଜଗତାନନ୍ଦ ବିଶ୍ୱାଳ, ସରସ୍ୱତୀ ପଣ୍ଡା, ଅକ୍ଷୟ ତ୍ରିପାଠୀ, ନବକିଶୋର ଦାସ, ଜିତେନ୍ଦ୍ର ବେହେରା, ରଘୁନାଥ ଲେଙ୍କା, ନିରଞ୍ଜନ ବେହେରା, ଡ. କେଶବ ଚରଣ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଭୋଇ, ପୂର୍ବତନ ସରପ□ ବିଧାନ ରାୟ ଓ ଷ୍ଟାଲିନ୍ ମିଶ୍ର, ବିଭିନ୍ନ ଗଣସଂଗଠନ ଓ ସାମାଜିକ ସଂଗଠନ ପକ୍ଷରୁ ବରିଷ୍ଠ ନାଗରିକ ମ□ ଓ ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଓକିଲ ସଂଘର ସଭାପତି ମନୋଜ ନାୟକ, ଭିଟାମାଟି ସୁରକ୍ଷା କମିଟିର ନେତା ଅରୁଣ ଜେନା, ଅନୁଜ ମହାପାତ୍ର, ଆଇନଜୀବୀ ତୁଷାର ମହାପାତ୍ର, କୃଷି ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ ସମିତିର ସଂପାଦକ ଅଭୟ ମିଶ୍ର, ଭରତ ଚନ୍ଦ୍ର ସେଠୀ, ଯତୀନ୍ ପାତ୍ର, ଜୀବନ ପରିଡ଼ା, ନାରୀନେତ୍ରୀ ପ୍ରମିତା ଦାସ, ମିନତୀ ପ୍ରଧାନ ପ୍ରମୁଖ ବିକ୍ଷୋଭସ୍ଥଳରେ ଉଦ୍‌ବୋଧନ ଦେଇ ଦାବିପୂରଣ ନ ହେଲେ ବ୍ୟାପକ ଆନ୍ଦୋଳନ ପାଇଁ ପ୍ରସ୍ତାବ ଦେଇଥିଲେ । ଚଳିତ ସପ୍ତାହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ବ୍ଲକ୍ ସ୍ତରରେ ଉନ୍ନତ ସରକାରୀ ସ୍ୱାସ୍ଥ୍ୟସେବା ପାଇଁ ଗଣ ଆନ୍ଦୋଳନରେ ଯୋଗ ଦେଇଥିବା ବ୍ୟକ୍ତିମାନଙ୍କୁ ସେମାନେ ଧନ୍ୟବାଦ ଦେଇଥିଲେ ।

ଧାରଣାସ୍ଥଳରୁ ଏକ ପ୍ରତିନିଧିଦଳ ଏମ୍ସର ନର୍ସିଂ ସୁପରିନ୍‌ଟେଣ୍ଡେଣ୍ଟ ଦିଲ୍ଲୀପ ହେମ୍ବ୍ରମ୍‌ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଚଳିତ ଅଗଷ୍ଟ ମାସ ମଧ୍ୟରେ ଏମ୍ସର ବହିର୍ବିଭାଗ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବା ସହ ସରକାରୀ ଔଷଧ ଦୋକାନ ଓ ସମସ୍ତ ରୋଗର ପରୀକ୍ଷା ନିରୀକ୍ଷା ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଥିଲେ । ତେଣୁ ଚଳିତ ଅଗଷ୍ଟ ମାସ ଶେଷ ପର୍ଯ୍ୟନ୍ତ ଏହି ଆନ୍ଦୋଳନକୁ ସ୍ଥଗିତ ରଖାଗଲା ବୋଲି ସଭାପତି ଶ୍ରୀ ପରିଡ଼ା ଘୋଷଣା କରିଥିଲେ । କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରଫୁଲ୍ଲ କୁମାର ଦାସ ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

ବାଲେଶ୍ୱର(ନି.ପ୍ର.): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶନିବାର ବାଲେଶ୍ୱର ସଦର ଓ ରେମୁଣା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରିଛନ୍ତି ।ପ୍ରଥମେ ସେ ବାଲେଶ୍ୱର ସଦର ବିଧାନସଭା ଅନ୍ତର୍ଗତ ଗୋପୀନାଥପୁର ପଂଚାୟତର ବାହାର୍ଦ୍ଦା ଓ ତେଲଡିହ ଗ୍ରାମ, ଏବଂ ପରୀଖି ପଂଚାୟତର ବୁଦ୍ଧିଗଡ଼ିଆ ଗ୍ରାମରେ ପହଂଚି ବନ୍ୟା ପ୍ରପୀଡ଼ିତଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ । ଏହାସହ ଚାଷଜମିର କ୍ଷୟକ୍ଷତିର ମଧ ଅନୁଧ୍ୟାନ କରିଥିଲେ ।ଏହି ଅବସରରେ ସଦର ବିଧାୟକ ମାନସ ଦତ, ସଦର ବିଡିଓ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ରହି ବନ୍ୟା ପ୍ରଭାବିତ ଅଂଚଳର ସ୍ଥିତି ସମୀକ୍ଷା କରିବା ସହ ପୀଡ଼ିତ ଲୋକଙ୍କ ପାଇଁ ଆବଶ୍ୟକ ରିଲିଫ୍ ଓ ସହାୟତା ବ୍ୟବସ୍ଥା ସୁନିଶ୍ଚିତ କରିବା ନେଇ ଆଲୋଚନା କରିଥିଲେ ।ସାଂସଦ ଶ୍ରୀ ଷଡ଼ଙ୍ଗୀ



କହିଥିଲେ ଯେ, ବନ୍ୟା ଦୁର୍ଦ୍ଦଶା ଭୋଗୁଥିବା ପ୍ରତ୍ୟେକ ପରିବାରଙ୍କୁ ଯଥାଶୀଘ୍ର ସରକାରୀ ସ୍ତରରେ ସମସ୍ତ ପ୍ରକାର ସହାୟତା ଓ ସହଯୋଗ ଯୋଗାଇ ଦିଆଯିବା ପାଇଁ ପଦକ୍ଷେପ ନିଆଯିବ ।ପରେ ସେ ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସହ ରେମୁଣା ବିଧାନସଭା ଅନ୍ତର୍ଗତ ହରିପୁର ଗ୍ରାମପଂଚାୟତର କସମିଳା ଗ୍ରାମରେ ବନ୍ୟା ସ୍ଥିତି ପରିଦର୍ଶନ କରିଥିଲେ । ସେଠାରେ ମଧ ବନ୍ୟା ପ୍ରଭାବିତଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ ।

# ବନ୍ୟା ପ୍ରଭାବିତଙ୍କୁ ଭେଟିଲେ ସାଂସଦ ଏବଂ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ

ବାଲେଶ୍ୱର(ନି.ପ୍ର.) ଶନିବାର ଅପରାହ୍ନରେ ରେମୁଣା ନିର୍ବାଚନ ମଣ୍ଡଳୀର ହରିପୁର ପଂଚାୟତ ଅନ୍ତର୍ଗତ କସମିଳା ଗ୍ରାମରେ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ବନ୍ୟା ପ୍ରଭାବିତ ପରିବାରମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଆବଶ୍ୟକୀୟ ସହାୟତା ସାମଗ୍ରୀ ବ[ନ କରିଥିଲେ । ଏହି ଅବସରରେ ପ୍ରଭାବିତ ଅଂଚଳର



ସ୍ଥିତିର ସମୀକ୍ଷା କରାଯିବା ସହ ସରକାରଙ୍କ ପକ୍ଷରୁ ଘୋଷିତ ସମସ୍ତ ସହାୟତା ପ୍ରତ୍ୟେକ ଯୋଗ୍ୟ ପରିବାରଙ୍କ ନିକଟରେ ସଠିକ୍ ଭାବରେ ପହଂଚୁଛି କି ନାହିଁ, ସେନେଇ ତଦାରଖ କରାଯାଇଥିଲା । ଏଥିସହ କୌଣସି ବନ୍ୟା ପ୍ରଭାବିତ ପରିବାର ସରକାରୀ ସହାୟତାରୁ ବଂଚିତ ନ ହୁଅନ୍ତୁ ବୋଲି ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ-ବିଜ୍ଞାନ ମେଳା

ଜଳେଶ୍ୱର(ନି.ପ୍ର.) ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ଓ ଓ ପ୍ରତିଭା ଅନ୍ୱେଷଣ ଲାଗି ବିଦ୍ୟାଳୟ ମାନଙ୍କରେ ଜ୍ଞାନ-ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଆସୁଛି । ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଜି ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ଜ୍ଞାନ-ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୋଟ ୨୯୦ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ପ୍ରଧାନ ଶିକ୍ଷକହରେକୃଷ୍ଣ ଜେନା, ମୁଖ୍ୟବକ୍ତା ଅନୁଷ୍ଠାନର ସଭାପତି ଶଶୀକାନ୍ତ ପ୍ରଧାନ, ସଂପାଦକ ଗିରିଶ କୁମାର ପାଣିଗ୍ରାହୀ, ପ୍ରଧାନ ଆଚାର୍ଯ୍ୟ ରାଧାରଂଜନ ବାଗ, ଲକ୍ଷ୍ମୀନାରାୟଣ କର, ଶୁଚିସ୍ମିତା ଗନ୍ତାୟତ, ସମୀର କୁମାର ପରିଡା, ଉମାରାଣୀ ପାତ୍ର ଯୋଗଦେଇ କୁନି ବୈଜ୍ଞାନୀକ ମାନଙ୍କୁ ଉତ୍ସାହିତ କରିଥିଲେ । ସ୍ୱୟଂପୂର୍ଣ୍ଣା ଦେବଶ୍ରୀ ଚାନ୍ଦ ମଂଚ ସଂଚାଳନ କରିଥିବା ବେଳେ ଉମାଶଂକର ପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଲନ୍ଦାସାରଗାଁ, ଗୋପୀନାଥପୁର ଓ ପରିଖି ପଂଚାୟତର ବନ୍ୟା ପ୍ରଭାବିତ ଅଂଚଳରେ ସ୍ଥିତି ପରିଖିଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ମାନସ କୁମାର ଦତ

ବାଲେଶ୍ୱର(ନି.ପ୍ର.)ଲଘୁଚାପ ଜନିତ ଉତର ଓଡିଶାରେ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ବନ୍ୟା ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲେ ବି ଅନେକ ଗ୍ରାମରେ ଜଳବନ୍ଦୀ ହୋଇ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ରହିଛନ୍ତି ଅନେକ ପରିବାର । ବିଗତ ୪ଦିନ ଧରି ସଦର ନିର୍ବାଚନମଣ୍ଡଳୀର ବନ୍ୟା ପ୍ରଭାବିତ ପଂଚାୟତକୁ କେଉଁଠି ବୋଟ ବା ଡଙ୍ଗା ଅଥବା କେଉଁଠି ବାଇକ ଯୋଗେ ପହଂଚି ଲୋକଙ୍କୁ ଆଶ୍ୱସ୍ତି ଦେବା ନେଇ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବିଧାୟକ ମାନସ କୁମାର ଦତ । ଏହି କ୍ରମରେ ବିଧାୟକ ଶ୍ରୀ ଦତ ଶନିବାର ସକାଳେ ପ୍ରଥମେ ଓଲନ୍ଦାସାରଗାଁ ପଂଚାୟତରେ ବିଭିନ୍ନ ଅଂଚଳର ବନ୍ୟା ପ୍ରଭାବିତ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବଂଟନ କରିଛନ୍ତି । ଏହା ସହିତ ଆଶ୍ରୟସ୍ଥଳୀରେ ଥିବା ପଂଚାୟତବାସୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ପ୍ରଦାନ ନେଇ



ବ୍ୟବସ୍ଥାର ସୁପରିଚାଳନା ଉପରେ ମଧ ବିଧାୟକ ଶ୍ରୀ ଦତ ଗୁରୁତ୍ୱାରୋପ କରିଛନ୍ତି । ପରେ ବୁଢାବଳଙ୍ଗ ନଦୀରେ ଭୀଷଣ ବନ୍ୟା ଯୋଗୁଁ ଅଧିକ ପ୍ରଭାବିତ ଗୋପୀନାଥପୁର ପଂଚାୟତର ଟିଆଖିଆ, ଗୋବିନ୍ଦପୁର, ରଣସାହି, ତେଲଡିହ ଓ ହସନପୁର ପ୍ରଭୃତି ଅଂଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ ପୂର୍ବକ ଘରକୁ ଘର ବୁଲି ବିଧାୟକ ଶ୍ରୀ ଦତ ଲୋକଙ୍କୁ ସହାୟତା ଯୋଗାଇ ଦେଇଛନ୍ତି । ଗୋପୀନାଥପୁର ପଂଚାୟତରେ ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ସୁରକ୍ଷା, ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ନିରବିଚ୍ଛିନ ଉଦ୍ୟମ ଜାରି ରହିଛି ବୋଲି ବିଧାୟକ ଶ୍ରୀ ଦତ ସୂଚନା ଦେଇଛନ୍ତି । ପରେ ଅନ୍ୟତମ ବନ୍ୟାପ୍ରବଣ ଅଂଚଳ ଗୋପୀନାଥପୁର ପଂଚାୟତର ବାହାର୍ଦ୍ଦା ଗ୍ରାମରେ ପହଂଚିଥିଲେ ବିଧାୟକ ଶ୍ରୀ ଦତ । ଏହି ଅବସରରେ ତାଙ୍କ ସହ ସ୍ଥିତି ପରିଖିବା ପାଇଁ ଯାଇଥିଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ । ଉଭୟ ବିଧାୟକ ଓ ସାଂସଦ ବାଇକ ଯୋଗେ ଗୋପୀନାଥପୁର ପଂଚାୟତର ଜନଜୀବନ ଏବଂ ଚାଷର କ୍ଷୟକ୍ଷତିର ସମୀକ୍ଷା କରିବା ସହିତ ବାହାର୍ଦ୍ଦା ଗ୍ରାମର ବନ୍ୟା ପିଡ଼ିତଙ୍କ ସହ ଆଲୋଚନା କରିଥିଲେ । ଗ୍ରାମର ଅଧିକାଂଶ ଘର ଜଳବନ୍ଦୀ ଅବସ୍ଥାରେ ଥିବାରୁ ସ୍ଥାନୀୟ ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କୁ ଅଧିକ ଦିନ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇଦେବା ଉପରେ ଉଭୟ ବିଧାୟକ ଓ ସାଂସଦ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ସେମାନେ ବନ୍ୟା ପିଡ଼ିତଙ୍କୁ ରନ୍ଧାଖାଦ୍ୟ ବଂଟନ ସହ ଗ୍ରାମର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ମେଡିସିନ ଓ ପାନୀୟ ଜଳ ବଂଟନ କରିଥିଲେ । ଶେଷରେ ବିଧାୟକ ଶ୍ରୀ ଦତ ପରିଖି ପଂଚାୟତର ବିଭିନ୍ନ ଅଂଚଳ ଗସ୍ତ କରି ବନ୍ୟା ଓ ପ୍ରଭାବିତ ଲୋକଙ୍କ ପୁନର୍ବାସର ସ୍ଥିତି ଅନୁଧ୍ୟାନ ପୂର୍ବକ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ରନ୍ଧା ଖାଦ୍ୟ ବ[ନ କରିଥିଲେ । ପ୍ରତ୍ୟେକ ବନ୍ୟା ପିଡିତଙ୍କ ନିକଟରେ ଆବଶ୍ୟକୀୟ ଖାଦ୍ୟ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ରିଲିଫ ସହାୟତା ପହଂଚାଇବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ବିଧାୟକ ଶ୍ରୀ ଦତ ସୂଚନା ଦେଇଛନ୍ତି । ବନ୍ୟା ବିପର୍ଯ୍ୟୟର ଏହି କଠିନ ସମୟରେ ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ପାଖରେ ରହିବା ଏବଂ ସମସ୍ତ ପ୍ରକାର ସହାୟତା ପହଂଚାଇବା ପାଇଁ ଆମେ ସଦା ତତ୍ପର ରହିଛୁ ବୋଲି ସେ କହିଛନ୍ତି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ମନୋଦର୍ପଣ' ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର(ନି.ପ୍ର.)ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପ 'ମନୋଦର୍ପଣ' ଅନ୍ତର୍ଗତ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟୋଗାତ୍ମକ ମନୋବିଜ୍ଞାନ ବିଭାଗ ଓ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ ପରିସରସ୍ଥ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ସମ୍ମିଳନୀ ପ୍ରେକ୍ଷାଳୟରେ ମାନସିକ ସୁସ୍ଥତା ଓ ମନୋବଳ ବିକାଶ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଛାତ୍ର/ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ସୃଷ୍ଟି, ମାନସିକ ଦୃଢ଼ତା ବିକାଶ ଏବଂ ମାନସିକ ସମସ୍ୟା ନେଇ ଖୋଲାମନରେ ଆଲୋଚନା କରିବାକୁ ଏକ ସହଯୋଗପୂର୍ଣ୍ଣ ପରିବେଶ ଗଢ଼ି






ତୋଳିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରୟୋଗାତ୍ମକ ମନୋବିଜ୍ଞାନ ବିଭାଗର ସଂଯୋଜିକା ଡ଼କ୍ଟର ରାଜଶ୍ରୀ ଦତ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ 'ମନୋଦର୍ପଣ' ଆୟୋଜନର ପଦକ୍ଷେପ ତଥା ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସଭାପତିତ୍ୱ ଅଭିଭାଷଣରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ଶିକ୍ଷା ମନ୍ତ୍ରଣାଳୟର 'ମନୋଦର୍ପଣ' ପଦକ୍ଷେପର ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ବିଶ୍ୱବିଦ୍ୟାଳୟ ସଦା ପ୍ରତିବଦ୍ଧ । ଛାତ୍ରଛାତ୍ରୀମାନେ ପାଠପଢ଼ା ସହ ନିଜର ମାନସିକ ସୁସ୍ଥତାକୁ ପ୍ରାଥମିକତା ଦେବା ତଥା ଆବଶ୍ୟକ ସମୟରେ ବିଶେଷଜ୍ଞମାନଙ୍କ ପରାମର୍ଶ ନେବା ଏବଂ ପରସ୍ପରକୁ ସହଯୋଗ କରି ଏକ ସହୃଦୟ ଓ ସମାବେଶୀ ପରିବେଶ ଗଢ଼ି ତୋଳିବାକୁ ସେ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା କହିଥିଲେ ଯେ, ଶିକ୍ଷାଗତ ସଫଳତା, ନେତୃତ୍ୱ ବିକାଶ ଓ ସର୍ବାଙ୍ଗୀନ ବ୍ୟକ୍ତିତ୍ୱ ଗଠନ ପାଇଁ ମାନସିକ ସୁସ୍ଥତା ଅତ୍ୟନ୍ତ ଜରୁରୀ । ମୁଖ୍ୟବକ୍ତା ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ପ୍ରଫେସର ଉଦୟନାଥ ଦାଶ ବର୍ତ୍ତମାନ ସମୟରେ ଯୁବପିଢ଼ି ସମ୍ମୁଖୀନ ହେଉଥିବା ମାନସିକ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଆତ୍ମସଚେତନତା, ଭାବନାତ୍ମକ ପରିପକ୍ୱତା, ମାନସିକ ଦୃଢ଼ତା ଏବଂ ସମୟୋପଯୋଗୀ ପରାମର୍ଶର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଫକୀରମୋହନ ମେଡିକାଲ କଲେଜ ଓ ଚିକିତ୍ସାଳୟର ମନୋରୋଗ ବିଭାଗର ସହଯୋଗୀ ଅଧ୍ୟାପକ ଡକ୍ଟର ମାନସ ରଞ୍ଜନ ସାହୁ ବିଶେଷ ବକ୍ତା ଭାବେ ଯୋଗଦେଇ, ମାନସିକ ସମସ୍ୟାର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ, ଏହାକୁ ନେଇ ରହିଥିବା ସାମାଜିକ ସଙ୍କୋଚ ଦୂର କରିବା ଏବଂ ପରାମର୍ଶ ଓ ଉପଯୁକ୍ତ ଚିକିତ୍ସାର ଆବଶ୍ୟକତା ଆଦି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମତ ରଖିଥିଲେ । ସହକାରୀ ଅଧ୍ୟାପିକା ଜୟନ୍ତୀ ମାଳା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ସଂଯୋଜିକା ଡ଼କ୍ଟର ପ୍ରତିମା ପ୍ରଧାନ ନିରାପଦ, ସମାବେଶୀ ଓ ମାନସିକ ଭାବେ ସହଯୋଗୀ କ୍ୟାମ୍ପସ ଗଠନ ଦିଗରେ ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରୟାସ ସମ୍ପର୍କରେ ମତ ରଖିଥିଲେ । ପ୍ରୟୋଗାତ୍ମକ ମନୋବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ଶଶାଙ୍କ ଶେଖର ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସହକାରୀ ଅଧ୍ୟାପିକା ଜସମିନ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଉଦ୍ଧାର ହୋଇଥିବାଚୋରି ସାମଗ୍ରୀ ଫେରି ପାଇବାକୁ ଅନୁରୋଧ

ବାଲେଶ୍ୱର(ନି.ପ୍ର.) ଗତ ଏପ୍ରିଲ ୧୪ ତାରିଖ ରାତିରେ ବାଲେଶ୍ୱର ଫକୀରମୋହନ ନଗରରେ ସଚିନ୍ଦ୍ର ଦାସଙ୍କ ଘରୁ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ସୁନା, ଅଳଙ୍କାର, ଅର୍ଥ, ରୌପ୍ୟ ଅଳଙ୍କାର ଇତ୍ୟାଦି ଦୁର୍ବୃତମାନେ ତାଙ୍କୁ ଘରୁ ଚୋରି କରିନେଇଥିଲେ । ୧୫.୦୪ରେ ସଦର ଥାନାରେ ଏତଲା ହୋଇଥିଲା । ତାଙ୍କ ଘରୁ ଚୋରି ହୋଇଥିବା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀକୁ ଟ୍ରାପ୍ କରାଯାଇ ପୋଲିସ ଜବତ କରିବା ଓ ୨୭.୪.୨୬ରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସମସ୍ତ ତଥ୍ୟ ପୋଲିସ ପକ୍ଷରୁ ଦିଆଯାଇଥିଲା । ପରବର୍ତୀ ସମୟରେ କୋର୍ଟରେ ଟିଆଇ ପ୍ୟାରେଟ୍ ମାଧ୍ୟମରେ ସଚିନ୍ଦ୍ରଙ୍କ ଅସୁସ୍ଥତା ଯୋଗୁଁ ତାଙ୍କ ସ୍ତ୍ରୀ ସବିତା ଦାସଙ୍କୁ ଅଳ୍ପ ୮/୧୦ହଳ ପାଉଜର, ୫/୭ଟା ରୁପା କଏନ ଦେଖାଯାଇଥିଲା । ହେଲେ ସେଗୁଡ଼ିକ ତାଙ୍କର ନଥିଲା । ପରବର୍ତୀ ସମୟରେ ଉଭୟ ଦମ୍ପତି ବାଲେଶ୍ୱର ଏସପିଙ୍କୁ ଯାଇ ସାକ୍ଷାତ କରିବା ପରେ ଏସପି ଏକଥା ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ହେଲେ ଅଦ୍ୟାବଧି ତାଙ୍କର ଉଦ୍ଧାର କରାଯାଇଥିବା ଚୋରି ସାମଗ୍ରୀ ତାଙ୍କୁ ପ୍ରଦାନ କରାନଯିବା ଯୋଗୁଁ ସେ ଡିଜି, ଭିଜିଲାନ୍ସ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପାଇଁ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ତା'ଛଡ଼ା ୨୦୨୨ ମଇ ୧୦ ତାରିଖରେ ଶ୍ରୀ ଦାସଙ୍କ ବେକରୁ ଦୁର୍ବୃତମାନେ ସୁନାହାର, ୨ଟି ମୁଦି ଛଡ଼ାଇ ନେଇଥିଲେ । ତାହାମଧ୍ୟ ଆଜି ମଧ୍ୟ ପ୍ରଦାନ କରାଯାଇନାହିଁ । ପ୍ରକାଶଯେ, ମଙ୍ଗଳବାର ୧ଟା ୪୦ମିନିଫଟ୍ ସମୟରେ ଫକୀରମୋହନନଗର ଚାରିଛକ ନକଟରେ ସଚ୍ଚିନ୍ଦ୍ର ଦାସଙ୍କ ବାସଭବନରେ ଚୋରି ହୋଇଥିଲା । ଏ ସମ୍ପର୍କରେ ସଦର ଥାନାରେ ଅଭିଯୋଗ ହେବାରୁ ଥାନା ପକ୍ଷରୁ ୨୨୬/୨୬ ମାମଲା ରୁଜୁ ହୋଇ ଏଏସଆଇ ବି.କେ.ଜେନାଙ୍କୁ ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିଲା । ଚୋରି ହେବାର ୨/୩ଦିନ ପରେ ସଦର ପୋଲିସ ଏସଡିପିଓଙ୍କ ମାଧ୍ୟମରେ ସଚ୍ଚିନ୍ଦ୍ରଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯେଉଁମାନଙ୍କର ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା ସେମାନଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ ହେବା, ପୋଲିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସଚିତନ୍ଦ୍ର ବାବୁଙ୍କର ନାମ ଦିଆଯାଇ ସମସ୍ତ ଚୋରି ସାମଗ୍ରୀ ଜବତ ହୋଇଥିବା ଓ ପର୍ଯ୍ୟାୟକ୍ରମେ କିଛି ବ୍ୟକ୍ତିଙ୍କୁ ରିକୋଭରି ସାମଗ୍ରୀ ଦିଆଯାଇଥିଲା ବେଳେ ସଚ୍ଚିନ୍ଦ୍ର ଦାସଙ୍କୁ ଏଯାଏଁ ତାଙ୍କର ସୂନା ଚୁର୍ ୩ଭରି, ପଲା ୧ଭରି, ବଳା ୧ଗ୍ରାମ ୨ଟା, ରୁପା ପାଉଁଜି ୨୪ଗ୍ରାମ ୧ହଳ୍, ପୁରୁଣା ରୁପା ପାଉଁଜି ୪ହଳ, ରୁପା କଏନ୧୧ଟା, ୫ଟା ବଡ ଏବଂ ମୋବାଇଲ ୪ଟା ଓ ପାୱାରବ୍ୟାଙ୍କ ୪ଟା ଏଯାଏଁ ପୋଲିସ ସଚିନ୍ଦ୍ରଙ୍କୁ ଫେରାଉନାହାଁନ୍ତି । ଯାହାଫଳରେ ସେ ମ୍ରିୟମାଣ ହୋଇପଡ଼ିଛନ୍ତି ।



# ଅବସରପ୍ରାପ୍ତ ଦୃଷ୍ଟିବାଧକ ପ୍ରଫେସର ରାଷ୍ଟ୍ରପତି ପୁରସ୍କାର ପାଇଁ ମନୋନୀତ



ରାୟଗଡା (ନିପ୍ର): ଅନ୍ତର୍ଭୁକ୍ତିମୂଳକ ଶିକ୍ଷା ବା ଇନପାଓ୍ୱରମେଂଟ୍ ଅଫ୍ ଇନକ୍ଲୁସିଭ୍ ଏଜୁକେସନ ପାଇଁ ଚଳିତ ବର୍ଷ ରାଷ୍ଟ୍ରପତି ଙ୍କ ଠାରୁ ପୁରସ୍କାର ପାଇବେ ରାୟଗଡା ଗୈତମ୍ ନଗର ଅଂଚଳର ଦୃଷ୍ଟିବାଧିତ ପ୍ରଫେସର କାମାକ୍ଷା ପ୍ରସାଦ ଦାଶ । ଏନେଇ ଆଜି ରାଇସିନାହିଲ୍ସ ରୁ ନିମନ୍ତ୍ରଣ ଆସିଛି । ଆସନ୍ତା ସ୍ୱାଧୀନତା ଦିବସରେ ସେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ସମ୍ବର୍ଦ୍ଧିତ ହେବେ । ୭ବର୍ଷ ବୟସରେ ନିଜର ଦୁଇ ଆଖି ହରାଇଥିବା ପ୍ରଫେସର ଦାଶ ପାରଳାଖେମୁଣ୍ଡି ରେ ଜନ୍ମଗ୍ରହଣ କରିଥିଲେ । ପାରଳାଖେମୁଣ୍ଡି, ବ୍ରହ୍ମପୁର ଓ ଭୁବନେଶ୍ୱରରେ ଉଚ୍ଚ ଶିକ୍ଷା ଲାଭ କରି ଓଡିଶା ସରକାରଙ୍କ ସମାବେଶୀ ଶିକ୍ଷାର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି । ଦୃଷ୍ଟିବାଧିତ ପିଲା ମାନଙ୍କୁ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯିବ ସେନେଇ ଅନେକ ପଦକ୍ଷେପ ନେଇଥିବା ବେଳେ ଦୃଷ୍ଟିବାଧିତ ଆଦିବାସୀ ପିଲାଙ୍କ ପାଇଁ କାମ କରିଛନ୍ତି । ସେହିପରି ଦୃଷ୍ଟିହୀନ ହୋଇ ଭଗବତ ଗୀତାର ଅନେକ ଶ୍ଲୋକ ମୁଖସ୍ତ କରିଥିବା ବେଳେ ସାହିତ୍ୟ ପ୍ରତି ମଧ୍ୟ ରୁଚି ରଖିଛନ୍ତି । ଆଜିର ଆହ୍ୱାନ, ଆମ୍ ଦର୍ପଣ, ପରିଧି ଓ ସତ୍ୟ ଖୋଜିବା ଚାଲ ପରି ପ୍ରାୟ ୧୨ଟି ସାହିତ୍ୟ ରଚନା କରି ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କୃତ ହୋଇଛନ୍ତି । ସୁରଭି ଗୈରବ ଓ ସୁରଭି ରନ୍ ସହ ଅନେକ ସରକାରୀ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି ପ୍ରଫେସର କାମାକ୍ଷା ପ୍ରସାଦ ଦାଶ । ରାଷ୍ଟ୍ରପତି ଙ୍କ ନିମନ୍ତ୍ରଣ ଆସିବା ପରେ ସେ କହିଛନ୍ତି ଯେ ସେ ଏହାକୁ ନେଇ ଖୁସି ଅନୁଭବ କରିବା ସହ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ତଥା ସମାଜ ପାଇଁ ନିଜର ଦାୟିତ୍ୱ ଦ୍ୱିଗୁଣିତ ବୋଲି କହିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ



କଟକ(ନିପ୍ର): ସି.ଡ଼ି.ଏ ସେକ୍ଟର-୯ ସ୍ଥିତ ମର୍କତନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷା ବର୍ଷ ୨୦୨୬-୨୭ ର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ସିଏସ୍. ଆଇ. ଆର. ଆଇ. ଏମ୍. ଏମ୍. ଟି ର ପ୍ରଧାନ ବୈଜ୍ଞାନିକ ଡ଼. ମାନସ କୁମାର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନ ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମାର୍ଗଦର୍ଶନ ପ୍ରଦାନ କରିଥିଲେ । ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ କୁଞ୍ଜବିହାରୀ ଜେନା, ଉପସଭାପତି ସତ୍ୟଜିତ୍ ମହାପାତ୍ର, ସଂପାଦକ ସତ୍ୟବ୍ରତ ମହାନ୍ତି, ଯୁଗ୍ମ ସଂପାଦକ ମିନିରାଣୀ ରାଉତ, କୋଷାଧକ୍ଷ ଶ୍ରୀଯୁକ୍ତ ମନୋରଞ୍ଜନ ଦାଶ, ସଦସ୍ୟା ପ୍ରଭାସିନୀ ସାହୁ, ସଦସ୍ୟ ସୁବାସ ଚନ୍ଦ୍ର ମାଝୀ ଉଦ୍‌ଘାଟନ ସଭାରେ ଉପସ୍ଥିତ ରହି ନିଜ ନିଜର ମାର୍ଗଦର୍ଶନ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାଶ ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଜ୍ଞାନ ମେଳାର ଉଦଯାପନ ଉତ୍ସବରେ ନାଇଜରର ପଦାର୍ଥ ବିଜ୍ଞାନର ପ୍ରାଧାପକ ଡ଼. ଶୁଭଙ୍କର ବେଦାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଜ୍ଞାନ ବିଜ୍ଞାନ ମେଳାରେ ଶତାଧିକ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ଗଣିତ ପ୍ରୟୋଗ, ଗଣିତ ପତ୍ରବାଚନ, ବିଜ୍ଞାନ ପତ୍ରବାଚନ, ବିଶେଷ ପ୍ରକଳ୍ପ, ବିବିଧ ନମୁନା, ମୀନାବଜାର ଆଦି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇ ଅଭିଜ୍ଞ ବିଚାରକ ଦ୍ୱାରା ମୂଲ୍ୟାୟନ ହୋଇଥିଲା । ବିଚାରକ ଭାବେ ବିଜ୍ଞାନ ବିନୋଦ କୁମାର ମିଶ୍ର, ପ୍ରେମାନନ୍ଦ ମହାନ୍ତି, ନିଳମଣୀ ଖୁଂଟିଆ, ସାଧୁଚରଣ ପ୍ରଧାନ, ସୁକାନ୍ତ ଚରଣ ସାହୁ, ମୀନାବଜାର ହିନ୍ଦୀ ରାଜକିଶୋର ପଣ୍ଡା, ଅର୍ଜୁନ କୁମାର ପତି, ଭୀମସେନ ସାହୁ, ନିରଞ୍ଜନ ପାତ୍ର ଯୋଗଦେଇ ବିଭିନ୍ନ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ନୂତନ ବିଜ୍ଞାନଗାରାର ଶୁଭ ଉଦଘାଟନ ମୁଖ୍ୟ ଅତିଥିଙ୍କ କରକମଳରେ କରାଗଲା । ବିଜ୍ଞାନ ପ୍ରମୁଖ ରଞ୍ଜନ କୁମାର ପ୍ରଧାନ ବିଜ୍ଞାନ ମେଳାର ବିବରଣୀ ଓ ମେଳାର ସଂଯୋଜନା କରିଥିଲେ । ଆଚାର୍ଯ୍ୟା ସଂଘମିତ୍ରା ଦାସ ଅବତରଣ ପାଠ କରିଥିବା ବେଳେ ଆଚାର୍ଯ୍ୟା ମାନସୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ୱାଇଜ୍ ମେନ୍ କ୍ଲବର ୨୮ତମ ପ୍ରତିଷ୍ଠା ଉତ୍ସବ



କଟକ: (ନି. ପ୍ର.) ସିଡିଏ ସ୍ଥିତ କଟକ ଟ୍ୟାକ୍ସ ବାର ସମ୍ମିଳନୀ ହଲରେ ୱାଇଜ୍ ମେନ୍ କ୍ଲବ କଟକର ୨୮ତମ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛ । ପୂର୍ବତନ ସଭାପତି ୱାଇଜ ମେନ୍ ପ୍ରଶାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶରେ ସଂସ୍ଥାପନ ସଭା ପାଇଁ ଅତିଥି ମାନଙ୍କୁ ମଂଚକୁ ଆମନ୍ତ୍ରଣ କରାଯାଇଥିଲା । ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଭାଇସ ଚାନ୍ସଲେର୍ ପ୍ରଫେସର ଡକ୍ଟର ଏ କେ ଦାସ ମହାପାତ୍ର ଉପସ୍ଥିତ ହୋଇ ୱାଇଜ ମେନ୍ କ୍ଲବର କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ । ମୁଖ୍ୟ ବକ୍ତା ଭାବରେ ଡକ୍ଟର ସୁରଜିତ ସାହୁ, ସମ୍ମାନିତ ଅତିଥି ଭାବରେ ୱାଇ ଏମ୍ ଆଇ ଡିଷ୍ଟ -୧ ର ଡି ଜି ଶ୍ରୀଯୁକ୍ତ ରାଜ ବଲ୍ଲଭ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଭାପରିଚାଳନା କରିଥିଲେ ଡକ୍ଟର ଆଲୋକ କୁମାର ସାହୁ ।ନୂତନ ମେମ୍ବର ମାନଙ୍କର ପରିଚୟ ପ୍ରଦାନ କରିଥିଲେ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ନନ୍ଦ ।ଅତିଥି ମାନଙ୍କୁ ସମ୍ବର୍ଦ୍ଧନା କରାଯିବା ସହିତ ନୂତନ ଦାୟିତ୍ୱ ଗ୍ରହଣ କରିଥିବା ସଭ୍ୟ ଓ ସଭ୍ୟା ମାନଙ୍କୁ ସମ୍ମାନିତ କରାଯାଇ ଥିଲା । ଆଇ ପି ଡି ଜି ସତ୍ୟ ଗୋପାଲ ପରିଡ଼ାଙ୍କ ସମ୍ପାଦନାରେ ବୁଲେଟିନ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ୨୦୨୭-୨୮ ବର୍ଷ ପାଇଁ ନୂତନ ସଭାପତି ଭାବରେ ଜ୍ୟୋତି ରଞ୍ଜନ ସିଂହ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସମ୍ପାଦକୀୟ ବିବରଣୀ ୱାଇଜ୍ ୱିମ୍ୟାନ ତୃପ୍ତିମୟୀ ମିଶ୍ରଙ୍କ ଦ୍ୱାରା ପାଠ କରାଯାଇ ଥିଲା । ୱାଇଜ ୱିମ୍ୟାନର ସଭାପତି ନଳିନୀ ମହାପାତ୍ର ୱାଇଜ ମେନ୍ କ୍ଲବର ସେବା କାର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ସର୍ବ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଡକ୍ଟର ପ୍ରଭାତ ମିଶ୍ର ।

# ହ୍ୟୁମାନ ରାଇଟ୍ସ କ୍ଲିନିକର ସଚେତନତା ଶିବିର

ବାରିପଦା(ନିପ୍ର): ହ୍ୟୁମାନ ରାଇଟସ କ୍ଲିନିକ, ବାରିପଦା ଶାଖାର ସଚେତନତା ଶିବିର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ବସନ୍ତପୁର, ବାରିପଦା ଠାରେ ଅନୁଷ୍ଠିତ ହୋଇ ଯାଇଛି ଓ ବିଦ୍ୟାଳୟର ଅଧକ୍ଷ୍ୟ ଗୌରୀ ଶଙ୍କର ଅଧକ୍ଷତଓରେ ସଚେତନତା ଶିବିର ପରିଚାଳନା ହୋଇଥିଲା ଓ ସ୍ୱରୂପ କୁମାର ବଶା, ମହାସଚିବ ଓ ସଭାପତି, ମାନବିକ ଅଧିକାର ଏହାର ସୁରକ୍ଷା ଏବଂ ନାଗରିକ ମାନଙ୍କର କର୍ତବ୍ୟ ଉପରେ ଆଲୋକ ପାତ କରିଥିଲେ ଓ ବଜ୍ରପାତ ଜନିତ ଅଘଟଣରୁ ବଂଚିବା ପାଇଁ କେଉଁସବୁ ବିଧି ଓ ପ୍ରାରମ୍ଭିକ ପଦ୍ଧତି ଆବଶ୍ୟକ ସବିଶେଷ ସୂଚନା ପ୍ରଦାନ କରିଥିଲେ ଓ ଦେବାଶିଷ ଦାସ, କାର୍ଯ୍ୟକାରୀ କମିଟିର ବରିଷ୍ଠ ସଦସ୍ୟ ସଡ଼କ ସୁରକ୍ଷ୍ୟା, ମୋବାଇଲ ଫୋନର ଅନୁପଯୁକ୍ତ ବ୍ୟବହାରତା, ପଲିଥିନ ବ୍ୟାଗ ବା ଥଳି ବ୍ୟବହାର ଅପକାରିତା ଉପରେ ଅଭିଭାଷଣ ରଖିଥିଲେ ।


OFFICE OF THE PRINCIPAL

**NARASINGHA HIGHER SECONDARY SCHOOL, TARABHATTAA, DIST. KORAPUT**

Email: tarabhattacollege@gmail.com
Contact: +91-8917276015, +91-9938504152

**WALK-IN-INTERVIEW**

A walk-in-interview for the engagement of Guest Faculty for the post of **PGT in English** for the academic session 2026-27 will be held on **30.07.2026 at 11:00 AM** in the institution premises.

Eligible candidates having at least 55% of marks at the P.G. level in English and having a B.Ed. degree from a recognized university may attend the walk-in-interview with all Original Documents in support of their educational qualification and identity.

Candidates without B.Ed. may be considered for selection in case of non-availability of such candidates. No TA/DA will be admissible for attending the interview.

Candidates may send their resume in advance to: tarabhattacollege@gmail.com

*The authority reserves the right to cancel/modify/postpone the interview without assigning any reason thereof*

**Principal**
**Narasingha Higher Secondary School**
**Tarabhattaa, Dist. Koraput**


# ମାଙ୍କପଲ୍ଲୀରେ ରୋଟାରୀ କ୍ଲବ ପକ୍ଷରୁ ଚାରା ବଂଟନ କାର୍ଯ୍ୟକ୍ରମ



ନୟାଗଡ଼(ନିପ୍ର): ନୟାଗଡ଼ ନିକଟସ୍ଥ ମାଙ୍କପଲ୍ଲୀ ଗ୍ରାମରେ ରୋଟାରୀ କ୍ଲବ ପକ୍ଷରୁ ଏକ ଚାରା ବଂଟନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ରୋଟାରୀ କ୍ଲବର ସଭାପତି ବାସୁଦେବ ସାହୁ ଏବଂ ସମ୍ପାଦକ ଦିଲ୍ଲୀପ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଗ୍ରାମବାସୀ ଏବଂ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ପ୍ରାୟ ୨୦୦ରୁ ଅଧିକ ଅଁଳା, ଅମୃତଭଣ୍ଡା, ପିଜୁଳି, ଡାଳିମ୍ବ ଓ ସଜନା ଚାରା ବଂଟନ କରାଯାଇଥିଲା । ପରିବେଶ ସୁରକ୍ଷା ଏବଂ ବୃକ୍ଷରୋପଣ ପ୍ରତି ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ରୋଟାରିଆନ ପ୍ରଶନ୍ନ ବସନ୍ତିଆ, ପ୍ରକାଶ ପଟ୍ଟନାୟକ, ମିହିର ନାୟକ, ଜି ରଶ୍ମିରାଜ, ମଦନ ମୋହନ ମହାପାତ୍ର, ଶ୍ରୀଧର ସାହୁ, ପ୍ରବୀର ପୃଷ୍ଟି, ଅବିନାଶ ସାହୁ, ଦେବାଶିଷ ପଟ୍ଟନାୟକ, ଭାଗିରଥି ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ । ମାଙ୍କପଲ୍ଲୀ ଗ୍ରାମର ସଭାପତି, ସମ୍ପାଦକ ଏବଂ ସାମାଜିକ କର୍ମୀମାନଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ଉପସ୍ଥିତ ଗ୍ରାମବାସୀମାନେ ରୋଟାରୀ କ୍ଲବର ଏହି ପରିବେଶ ସୁରକ୍ଷାମୂଳକ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ । ରୋଟାରିଆନ ଧିରେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ ।


**AFFIDAVIT**

By virtue of an affidavit sworn before Executive Magistrate, Soro, Balasore, Affidavit No. 2232, dated 29.07.2026 I, Manoranjan Sahu, S/o- Dhuleswar Sahu resident of At- Taranga, Po- Makhanpur, Ps- Khaira, Dist- Balasore, Odisha - 756047 declare that I have changed my minor son's name from Chiranjibi Sahu to Chiranjib Sahu. Henceforth, he shall be known as Chiranjib Sahu for all purposes.

**Sd/-**
**Manoranjan Sahu**

**AFFIDAVIT**

By virtue of an affidavit sworn before Executive Magistrate, Soro, Balasore, Affidavit No. 85, dated 02.01.2026 I, Sri Babuli Das, aged 42 years, S/o- Babaji Das of Village- Mulising, Po- Mulising, Ps- Soro, Dist- Balasore declare that in my L.I.C. Policy bearing No. 587526988 where my name has prepared as Nihar Ranjan Das. Babuli Das (as per Aadhar Card / correct name) and Nihar Ranjan Das (as per L.I.C. Policy Bond) is one and same person who is myself. There is no other person in same name except myself.

**Sd/-**
**Babuli Das**


# ସ୍ୱର୍ଗତ ସଦାଶିବ ମହାନ୍ତିଙ୍କ ୩୨ ତମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ

ଜଳେଶ୍ୱର(ନିପ୍ର): ଶନିବାର ପୂର୍ବାହ୍ନ ୧୦ ଘଟିକା ସମୟରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ପଂଚାୟତ ଅଧୀନସ୍ଥ ଶାଳିକୋଠା ଗ୍ରାମର ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ସଦାଶିବ ମହାନ୍ତି (ମୋର ପୂଜ୍ୟ ବଡ଼ବାପା) ଙ୍କ ୩୨ ତମ ଶ୍ରାଦ୍ଧ ବାର୍ଷିକୀ ତାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ୧୯୭୭ ମସିହାରେ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ, ଶାଳିକୋଠା ପରିସରରେ ପାଳିତ ହୋଇ ଯାଇଛି । ଆଜକୁ ୪୯ ବର୍ଷ ଧରି ପ୍ରତିଷ୍ଠା କରାଯାଇଥିଲା ଉଚ୍ଚ ବିଦ୍ୟାଳୟ ଆଉ ଗୋଟିଏ ବର୍ଷ ପରେ ସୁବର୍ଣ୍ଣ ଜୟନ୍ତୀ ପାଳନ ହେବା ପାଇଁ ଯୋଗ୍ୟତା ହାସଲ କରିବ । ସଭାପତି ତ୍ୱ କରିଥିଲେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ମନ୍ତ୍ରୀ ତଥା ମାନ୍ୟବର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟ ବକ୍ତା ଭାବରେ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ର ଅଧକ୍ଷ ଡଃ ବିବେକାନନ୍ଦ ସାହୁ, ସମ୍ମାନୀତ ଅତିଥି ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡଃ ଅଜିତ କୁମାର ମହାନ୍ତି, କବି ବ୍ରଜେନ୍ଦ୍ର ଗିରି, ସମ୍ମାନୀତ ଅତିଥି ପୁତ୍ର ବିଷ୍ଣୁ ପଦ ମହାନ୍ତି, ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା, ପୁତ୍ର ହରିପଦ ମହାନ୍ତି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମନୋରଞ୍ଜନ ଦାସ ମଂଚ ଆମନ୍ତ୍ରଣ କରିଥିଲେ ଯୋଗେଶ ଚନ୍ଦ୍ର ରାଉଳ, ଅନ୍ୟତମ ସଦସ୍ୟ ମିହୀର କୁମାର ପ୍ରଧାନ, ଗ୍ରାମ ମୁଖ୍ୟ ଗଣେଶ ଚନ୍ଦ୍ର ପରିଡା, କବିତା ପାଠ କରିଥିଲେ କବି ସୁଶୀଲ କୁମାର ମାହାନା, କବି ରଞ୍ଜନ କୁମାର ଘୋଷ, ବଂଶୀ ଧର ବାରିକ, ପୁତ୍ର ତାରାପଦ ମହାନ୍ତି, ପୁତ୍ର କାନୀପଦ ମହାନ୍ତି, ଜଳଧର ଭଞ୍ଜ,ତନୁଜ କୁମାର ହୁଇ, ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ସିଂହ, ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସଞ୍ଜିବ କୁମାର ପ୍ରମାଣିକ, ମହେଶ୍ୱର ପ୍ରଧାନ, କବି ଝାଡେଶ୍ୱର ବ୍ରହ୍ମ, ଲେଲିନ କୁମାର ପ୍ରଧାନ ବିଦ୍ୟାଳୟ ର ଶିକ୍ଷକ ଆଶିଷ କୁମାର ସାହୁ ଦତ, ସବିତା ସାମଲ, ପ୍ରଦୀପ କୁମାର ଦାସ, ଖଗେନ୍ଦ୍ର ବେହେରା, ଅନୂରାଧା ରାଉଳ, ଦେବସ୍ମିତା ସୁର, ଆଦ୍ୟାଶା ହେମ୍ବ୍ରମ, ସତ୍ୟରଞ୍ଜନ ସାହୁ, ଏସ କେ ନେସାର ଅହମଦ, ଆଶୁତୋଷ ରଥ ସୁଭମ କୁମାର ଭୂୟାଁ, ମମତା ଭଞ୍ଜ, ପ୍ରଣତି ବାଳା ଦତ, ସୂରଜ ଦାସ ମହାପାତ୍ର, ଗୌସୁମୀ ପାଲ, ସଭା ପ୍ରାରମ୍ଭରେ ପ୍ରଥମେ ଫୁଲ ମାଳ ତିଆରି ପ୍ରତି ଯୋଗିତାରେ ୧୨ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ପ୍ରଥମ ଦଶମ ଶ୍ରେଣୀ ଛାତ୍ରୀ ପୂର୍ଣ୍ଣିମା ଚନ୍ଦ, ଦ୍ୱିତୀୟ ନବମ ଶ୍ରେଣୀ ଛାତ୍ର ଶୁଭଙ୍କର ଦତ, ତୃତୀୟ ପଂଚମ ଶ୍ରେଣୀ ଛାତ୍ର ପ୍ରଣବ ପାତ୍ର ପୁରସ୍କୃତ ହୋଇଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ଅଧକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ।


No. 19001/171/2627

**OFFICE OF THE PANCHAYAT SAMITI, BONTH**

*At/PO- Bonth, Dist- Bhadrak, PIN- 756114*

**E-mail id- ori-bonth@nic.in**

Letter no-3706 Date-01.08.2026

**Tender for Construction of Common Facility Centre(CFC)for terracotta Artisans at Mohantypada GP**

1. Name of the Work :- Const. of Common Facility Centre (CFC) for terracotta Artisans
2. Total No. of Work :- 01 no.
3. Approximate Estimated Cost :- As per DTCN
4. Class Contractor :- 'B' Class Only
5. Period of Completion :- Twelve(12) Calendar Months
6. Other Details :- The Details are as follows

| SI NO. | Bid Identification No. | Available Tender On-line for bidding | | Last date for receipt of Bids | Date & Time of Opening of Technical Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| 1 | PSB-01/2026-27 | 10.08.2026 10 AM | 29.08.2026 5 PM | 29.08.2026 5 PM | 31.08.2026 12.00 PM |

1.Date & Time of opening of financial bid is to be intimated after evaluation of technical bid. If Stipulation arises the tender will be decided through lottery system is to be intimated after opening of financial bid.
2.Further details can be seen from the website portal http://bhadrak.odisha.gov.in
3.Any other changes/ Corrigendum/Addendum may be seen only in website' http://bhadrak.odisha.gov.in

Sd/-
Block Development officer
Bonth

OIPR. 19001/19150/1/26-27/0002














# ବିଶ୍ୱ ବନ୍ଧୁତ୍ୱ ଦିବସ

## ଅଗଷ୍ଟ ପ୍ରଥମ ରବିବାର ବିଶ୍ୱ ବନ୍ଧୁତ୍ୱ ଦିବସ

## ରକ୍ତର ସମ୍ପର୍କଠୁ ଗଭୀର ବନ୍ଧୁତା ସମ୍ପର୍କ

◆ ରବିନାରାୟଣ ପଟ୍ଟନାୟକ



ବନ୍ଧୁତା ଏକ ସୁଖମୟ ସମ୍ପର୍କ । ବନ୍ଧୁତ୍ୱ ହେଉଛି ନିର୍ମଳ ଓ ପବିତ୍ର । ବନ୍ଧୁତା ଦେଖେନାହିଁ ରଙ୍ଗ, ଜାତି, ଧର୍ମ ଏବଂ ବର୍ଣ୍ଣ । ବନ୍ଧୁତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ବନ୍ଧନ ଜୀବନରେ ପ୍ରଚୁର ପରିମାଣରେ ଆନନ୍ଦ ଏବଂ ଭରସା ଆଣିଥାଏ । ବନ୍ଧୁତ୍ୱକୁ ଗୋଟିଏ ଦିନର ପାଳନ ଦ୍ୱାରା ସଂକ୍ଷିପ୍ତ କରାଯାଇପାରିବନାହିଁ ।ଯଦି କହିବା ସବୁଦିନ ସାଙ୍ଗ ପାଇଁ ହୋଇଥାଏ ।କିନ୍ତୁ ଆଜିର ଦିନ ସ୍ୱତନ୍ତ୍ର ହୋଇଥାଏ ।ଦୁନିଆରେ ସମସ୍ତ ସମ୍ପର୍କ ଭିତରେ ବନ୍ଧୁତ୍ୱ ସମ୍ପର୍କ ପୁରା ଅଲଗା । ବନ୍ଧୁତ୍ୱ ଏକ ସୁନ୍ଦର ବନ୍ଧନ, ଯାହାକୁ ସମସ୍ତେ ଭଲପାଆନ୍ତି । ଯାହା କୌଣସ ସମ୍ପର୍କରେ ବନ୍ଧା ନୁହେଁ ।ନିଜର ବିଶ୍ୱାସ, ସ୍ୱପ୍ନ ଆଉ ସବୁ ଗୁପ୍ତ କଥାକୁ ଯାହା ସହ ବାଂଟିହୁଏ ସେ ହେଲା ବନ୍ଧୁ । ଜଣେ ବନ୍ଧୁ ହିଁ ସବୁବେଳେ ବନ୍ଧୁକୁ ଉତ୍ସାହିତ କରିବା ସହ ସବୁବେଳେ ଉଚିତ ପରାମର୍ଶ ଦେଇଥାନ୍ତି । ଏହି ବନ୍ଧୁତାକୁ ବଜାୟ ରଖିବା ପାଇଁ ଓ ନିଜର ଭଲ ବନ୍ଧୁଙ୍କୁ ଏହାର ଅନୁଭବ କରାଇବା ପାଇଁ ପ୍ରତି ବର୍ଷ ଅଗଷ୍ଟ ମାସର ପ୍ରଥମ ରବିବାରକୁ 'ଫ୍ରେଣ୍ଡସିପ ଡ଼େ' ରୂପରେ ପାଳନ କରାଯାଏ ।୧୯୫୮ ମସିହା ଜୁଲାଇ ୩୦ରେ ମିଳିତ ଜାତିସଂଘ ବିଧିବଦ୍ଧ ଭାବେ ଅଗଷ୍ଟ ମାସର ପ୍ରଥମ ରବିବାରକୁ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ଘୋଷଣା କରିଥିଲା । ଆଉ ସେହି ଦିନ ଠାରୁ ଅଗଷ୍ଟ ମାସ ପ୍ରଥମ ରବିବାରକୁ ସାରା ବିଶ୍ୱରେ ବନ୍ଧୁତ୍ୱ ଦିବସ ରୂପେ ପାଳନ ହୋଇଆସିଛି । ସଂଯୁକ୍ତ ରାଷ୍ଟ୍ର ଦ୍ୱାରା ମାନ୍ୟତା ପାଇବା ପରେ ଦିନଟିର ମହତ୍ୱ ବିଶ୍ୱ ସ୍ତରରେ ବଢ଼ିଛି । ବନ୍ଧୁତା ହେଉଛି ଏପରି ଏକ ସମ୍ପର୍କ, ଯାହାକୁ ବର୍ଣ୍ଣନା କରି ହୁଏନା ବନ୍ଧୁତ୍ୱର ପରିଭାଷା । ଏହି ସମ୍ପର୍କ ଶାଶ୍ୱତ ।ପ୍ରକୃତ ବନ୍ଧୁତ୍ୱରେ ଖୋଜା ପଡ଼େନା ଧନ ସମ୍ପତି । ବନ୍ଧୁର ସୁଖଦୁଃଖ ହାନିଲାଭରେ ସହଯୋଗର ହାତ ବଢ଼ାଉଥିବା ଲୋକ ହିଁ ପ୍ରକୃତ ବନ୍ଧୁ ।ଜଣେ ପ୍ରକୃତ ବନ୍ଧୁ ବିପଦ ଆପଦ ସବୁ ସମୟରେ ପାଖରେ ଛିଡ଼ା ହୋଇଥାଏ । ସମସ୍ତଙ୍କ ଜୀବନରେ ବନ୍ଧୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ବନ୍ଧୁ ଏକ ଏମିତି ଶବ୍ଦ, ଯାହା ଆଗରେ ସବୁ ସୁଖଦୁଃଖ, ସୁବିଧା ଅସୁବିଧା ବଖାଣି ଦେଲେ ମନ ହାଲକା ହୋଇଯାଏ ।ଏହାସହ ପ୍ରକୃତ ବନ୍ଧୁ ହିଁ ସ୍ନେହ, ପ୍ରେମ ଓ ବିଶ୍ୱାସର ସହ ସମ୍ପର୍କକୁ ବାନ୍ଧି ରଖିଥାଏ । ଯେତେବେଳେ ବି ବନ୍ଧୁମାନଙ୍କ କଥା ଆସେ, କୃଷ୍ଣ ଏବଂ ସୁଦାମାଙ୍କ ବନ୍ଧୁତାର ଉଦାହରଣ ଦିଆଯାଏ । କୃଷ୍ଣ-ସୁଦାମାର ବନ୍ଧୁତା ବନ୍ଧୁ ପ୍ରତି ସଚ୍ଚୋଟତା, ବଳିଦାନ ଏବଂ ସମ୍ମାନର ଭାବନା ଦେଖାଏ, ଯାହା ପ୍ରକୃତ ବନ୍ଧୁଙ୍କର ଉଦାହରଣ ଅଟେ । କୁହାଯାଏ ପରିବାର ଭଗବାନଙ୍କର ଏକ ଉପହାର, କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ବନ୍ଧୁ ବାଛିବା ପାଇଁ ସୁଯୋଗ ପାଆନ୍ତି । ଜଣେ ପ୍ରକୃତ ବନ୍ଧୁ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଛାଇ ପରି ଆମ ସହିତ ରୁହନ୍ତି, ଯାହା କେବଳ ଆମ ଜୀବନକୁ ସଫଳ କରେ ନାହିଁ ବରଂ ଖୁସି ମଧ୍ୟ ପ୍ରଦାନ କରିଥାଏ ।ଲଭଗବାନ ବାପା-ମାଆ, ଭାଇ-ଭଉଣୀ, ଜେଜେବାପା-ଜେଜେମା ସମସ୍ତଙ୍କୁ ଦେଲେ, ତଥାପି ମଣିଷ ଜନ୍ମକୁ ଅଧୁରା ମନେ କଲେ । ପରେ ବନ୍ଧୁକୁ ଉପହାର ଦେଇ ଜୀବନରେ ପୂର୍ଣ୍ଣତା ଭରିଦେଲେ । ବୋଧ ହୁଏ ସେଥିପାଇଁ ସଂସାରରେ ଏମିତି କେହି ନାହିଁ, ଯାହାର ବନ୍ଧୁଟିଏ ନାହିଁ । ସମସ୍ତଙ୍କ ଜୀବନରେ ବନ୍ଧୁଟିଏ ନିଶ୍ଚୟ ଅଛି, ଆଉ ବନ୍ଧୁ ଆବଶ୍ୟକ ମଧ୍ୟ । ବନ୍ଧୁତା ବିଶ୍ୱାସ ଉପରେ ତିଷ୍ଠି ରହିଥାଏ । ସେଥିପାଇଁ ବନ୍ଧୁଙ୍କୁ କେବେ ବି ମିଛ କହିବା ଠିକ୍ ? ନୁହେଁ । କାରଣ ସମ୍ପର୍କରେ ମିଛ ଆସିଗଲେ ସମ୍ପର୍କର ମଧୁରତା କମିଯାଏ । ଏପରି କି ବନ୍ଧୁତା ମଧ୍ୟ ଦୁର୍ବଳ ହୋଇଯାଏ । ଆଜିର ଏହି ଦିନରେ ବନ୍ଧୁତ୍ୱର ପର୍ବକୁ ସ୍ୱତନ୍ତ୍ର କରିବା ପାଇଁ, ସମସ୍ତ ସାଙ୍ଗମାନେ ଏହି ଦିନ ଏକତ୍ର ଏକ ପାର୍ଟିର ଆୟୋଜନ କରନ୍ତି । ଆହୁରି ମଧ୍ୟ, ବନ୍ଧୁମାନେ ପରସ୍ପରକୁ କାର୍ଡ, ଅଭିବାଦନ, ଉପହାର ଦିଅନ୍ତ ଓ ଫ୍ରେଣ୍ଡସିପ୍ ବ୍ୟାଣ୍ଡ ବାନ୍ଧି ଏହି ଦିନକୁ ପାଳନ କରିଥାନ୍ତି । ଆଜିର ଏହି ଦିନରେ ବନ୍ଧୁତ୍ୱର ପର୍ବକୁ ସ୍ୱତନ୍ତ୍ର କରିବା ପାଇଁ, ସମସ୍ତ ସାଙ୍ଗମାନେ ଏହି ଦିନ ଏକତ୍ର ଏକ ପାର୍ଟିର ଆୟୋଜନ କରନ୍ତି । ଆହୁରି ମଧ୍ୟ, ବନ୍ଧୁମାନେ ପରସ୍ପରକୁ କାର୍ଡ, ଅଭିବାଦନ, ଉପହାର ଦିଅନ୍ତ ଓ ଫ୍ରେଣ୍ଡସିପ୍ ବ୍ୟାଣ୍ଡ ବାନ୍ଧି ଏହି ଦିନକୁ ପାଳନ କରିଥାନ୍ତି ।

*ପଟିଆ, ଭୁବନେଶ୍ୱର, ୯୯୩୮୧୧୩୨୨୬*

# ବନ୍ଧୁତ୍ୱ



ପ୍ରଦୀପ୍ତ ବିଶ୍ୱାଳ

ଚାଣକ୍ୟଙ୍କ ଉକ୍ତିରେ

*'ଉତ୍ସବେ ବ୍ୟେସନେ ଚୈବ
ଦୁର୍ଭିକ୍ଷେ ରାଷ୍ଟ୍ର ବିପ୍ଳବେ ।
ରାଜଦ୍ୱାରେ ସ୍ମଶାନେ ଚ ଯ
ତିଷ୍ଠତି ସ ବାନ୍ଧବଃ' ॥*

ଅର୍ଥାତ୍ ଉତ୍ସବ, ବ୍ୟସନ, ଦୁର୍ଭିକ୍ଷ, ରାଷ୍ଟ୍ରବିପ୍ଲବ, ରାଜଦ୍ୱାର ଓ ଶ୍ମଶାନରେ ଯେ ପାଖରେ ରୁହନ୍ତି, ସେ ହେଉଛନ୍ତି ବନ୍ଧୁ । ଉଭୟ ଭଲ ଓ ମନ୍ଦ ସମୟରେ ଯେଉଁ ବନ୍ଧୁ ପାଖରେ ଥାଏ ସେ ହିଁ ପ୍ରକୃତ ବନ୍ଧୁ । ପ୍ରକୃତ ବନ୍ଧୁ ହେଉଛି ସିଏ ଯେ ବନ୍ଧୁ'ର ସୁଖଦୁଃଖ ବା ମାନସିକସ୍ଥିତିକୁ ବୁଝି ବିପଦଆପଦ ସମୟରେ ପାଖରେ ଛିଡା ହୋଇ ଆର୍ଥିକ, ମାନସିକ ଓ ଶାରୀରିକ ଭାବେ ବିପଦକୁ ସମ୍ମୁଖୀନ ହେବାରେ ସହାୟତା କରି ପାରୁ ଥିବେ । ଇଂରାଜିରେ ଏକ ଉକ୍ତି ଅଛି **(A friend in need, is a friend indeed)** । ବନ୍ଧୁ ଆଗରେ ଦୁଃଖ କହିଲେ ଅଧା ହୁଏ, ସୁଖ କହିଲେ ଦ୍ୱିଗୁଣିତ ହୁଏ । ବନ୍ଧୁ ହେଉଛନ୍ତି ସିଏ ଯିଏ, ସ୍ନେହ ଓ ପ୍ରେମର ବନ୍ଧନ ଦ୍ୱାରା ବାନ୍ଧି ରଖିପାରନ୍ତି । ଅମରକୋଷରେ ସଗୋତ୍ର ଓ ଅସଗୋତ୍ର ସ୍ୱଜନମାନଙ୍କୁ ବନ୍ଧୁ କୁହାଯାଏ । ହିନ୍ଦୁ ଶାସ୍ତ୍ରରେ ବିବାହ ବନ୍ଧନ ଦ୍ୱାରା ଯେଉଁମାନଙ୍କ ସହ ସଂପର୍କ ଯୋଡାଯାଏ ସେମାନଙ୍କୁ ବନ୍ଧୁ କୁହାଯାଏ । ରକ୍ତ ବା ଗୋତ୍ର ଦ୍ୱାରା ଯେଉଁ ସଂପର୍କ ଥାଏ ସେମାନଙ୍କୁ କୁଟୁମ୍ବ କୁହାଯାଏ । ବସୁଧୈବ କୁଟୁମ୍ବକମ୍ । ସନାତନ ଧର୍ମର ମୂଳ ମନ୍ତ୍ର, ଏହା ପ୍ରତିପାଦନ କରେ ଯେ କେବଳ ନିଜର ସ୍ୱାମୀ, ସ୍ତ୍ରୀ, ପିତା, ପୁତ୍ର, ପରିବାର ନୁହନ୍ତି ସମଗ୍ର ବିଶ୍ୱ ଆମର ପରିବାର କୁଟୁମ୍ବ ଓ ବନ୍ଧୁ । କେତେ କ୍ଷୁଦ୍ର ଏହି ଶବ୍ଦ ମଧ୍ୟରେ କେତେ ମହାନ ଏହାର ଅର୍ଥ । ବୋଧହୁଏ ଏହି ବନ୍ଧୁତ୍ୱକୁ ସୁଦୃଢ଼ କରିବାପାଇଁ ଯୁକ୍ତରାଷ୍ଟ୍ର କଂଗ୍ରେସ ୧୯୩୫ ମସିହାରେ ଅଗଷ୍ଟମାସର ପ୍ରଥମ ରବିବାରକୁ ଯୁକ୍ତରାଷ୍ଟ୍ର ଆମେରିକା ଦେଶର ଜାତୀୟ ବନ୍ଧୁତା ଦିବସ ରୁପେ ପାଳନ କରିବାପାଇଁ ଘୋଷଣା କଲେ । ବନ୍ଧୁତ୍ୱକୁ ସମ୍ମାନ ଜଣାଇ ବର୍ଷର ଗୋଟିଏ ଦିନ ଉତ୍ସର୍ଗ କରା ଯାଉଥିଲା, ଯାହା ସେ ଦେଶର ଲୋକମାନଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ପର୍ବ ଭାବେ ବେଶ୍ ଆଦୃତି ଲାଭ କଲା ଓ ଏହି ଦିବସଟିକୁ ଖୁବ୍ ଧୁମ୍‌ଧାମ୍‌ରେ ପାଳନ



କରାଯାଉଥିଲା । କ୍ରମେ ଏହା ଅନ୍ୟ ଦେଶମାନଙ୍କୁ ଆକୃଷ୍ଟ କରିବାରେ ଲାଗିଲା । ବର୍ତମାନ ଭାରତ ସମେତ ପ୍ରାୟ ସମସ୍ତ ଦେଶରେ ଏହା ପାଳନ କରାଯାଉ ଥିବାରୁ ଏହାକୁ ଆନ୍ତର୍ଜାତୀୟ ବନ୍ଧୁତା ଦିବସ କୁହାଯାଉଛି । ଏହାର ବହୁପୂର୍ବରୁ ବନ୍ଧୁତ୍ୱର ପରିଭାଷା ଆମ ପୁରାଣଶାସ୍ତ୍ର, ରାମାୟଣ, ମହାଭାରତରେ ପ୍ରତିପାଦିତ ହୋଇଛି । ଏହି ମର୍ମରେ ମହାଭାରତର ଏକ ଉପାଖ୍ୟାନ ଏଠାରେ ଉଲ୍ଲେଖ କରିବା ସମୀଚିନ ମନେହୁଏ । ପାଣ୍ଡବମାନଙ୍କର ତେରବର୍ଷର ନିର୍ବାସନ କାଳ ସରିଯିବା ପରେ, ନିଜେ ଭଗବାନ ଶ୍ରୀକୃଷ୍ଣ ଦୂତଭାବରେ କୌରବ ମାନଙ୍କ ପାଖକୁ ଯାଇଥିଲେ ଏବଂ କହିଥିଲେ ପାଣ୍ଡବ ମାନଙ୍କର ରାଜ୍ୟ ଫେରାଇ ଦେବା ପାଇଁ, କିନ୍ତୁ ବିଫଳ ହୋଇଥିଲେ । ଶ୍ରୀକୃଷ୍ଣ ଯେତେବେଳେ ତାଙ୍କ କାର୍ଯ୍ୟରେ ବିଫଳ ହୋଇ ଫେରୁ ଥିଲେ, ସେତେବେଳେ ସେ କର୍ଣ୍ଣଙ୍କୁ ତାଙ୍କ ରଥରେ କିଛି ବାଟ ନେଇଥିଲେ । ଏବଂ ପ୍ରଥମ ଥର ପାଇଁ ତାଙ୍କ ଜନ୍ମ ବୃତାନ୍ତ ଶୁଣାଇଥିଲେ । ସେ କିପରି ଜନ୍ମ ନେଲେ ଏବଂ କାହିଁକି ତାଙ୍କର ପରିତ୍ୟାଗ କରାଯାଇଥିଲା । ଶ୍ରୀକୃଷ୍ଣ ତାଙ୍କର ପ୍ରକୃତ ମାତା କୁନ୍ତୀଙ୍କ କଥା ମନେ ପକାଇ ଦେଲେ ଏବଂ ଏକଥା ମଧ୍ୟ ଜଣାଇଦେଲେ ଯେ ପାଣ୍ଡବମାନଙ୍କ ମଧ୍ୟରେ ସେ ହିଁ ହେଉଛନ୍ତି ଜ୍ୟେଷ୍ଠ ଏବଂ ବର୍ତମାନ ସେ କର୍ଣ୍ଣଙ୍କୁ ନେଇ ସେମାନଙ୍କ ପାଖକୁ ଯିବେ ଏବଂ ତାଙ୍କ ଜନ୍ମ ବିଷୟରେ ପ୍ରକୃତ କଥା ଜଣାଇବେ । ସେମାନେ ଖୁସିରେ ତାଙ୍କ ପ୍ରଣାମ ଜଣାଇ ରାଜା ବୋଲି ମାନି ନେବେ ଏବଂ ସମସ୍ତ ପାଣ୍ଡବମାନେ ତାଙ୍କୁ ଅନୁସରଣ କରିବେ । ସେ ସମସ୍ତ ପୃଥିବୀରେ ରାଜା ହେବେ ଓ ତାଙ୍କର କନିଷ୍ଠ ଭ୍ରାତାମାନଙ୍କର ଭକ୍ତି ମଧ୍ୟ ପାଇବେ । କର୍ଣ୍ଣ ଶାନ୍ତ ଓ ଦୃଢତାର ସହିତ ଶ୍ରୀକୃଷ୍ଣଙ୍କ ଦ୍ୱାରା ଆଗତ ପ୍ରସ୍ତାବକୁ ମନା କରିଦେଲେ । କୁନ୍ତୀ ତାଙ୍କୁ ପରିତ୍ୟାଗ କରିଛନ୍ତି ଏବଂ ଏତେଦିନ ପରେ ତାଙ୍କର ଭାଇମାନଙ୍କ ସହିତ ଭାଙ୍ଗିଯାଇଥିବା ସଂପର୍କକୁ ସେ ଯୋଡିବାକୁ ଚାହାଁନ୍ତି ନାହିଁ । ଏହାଛଡା ସେ ଅଧିରଥ ଓ ତାଙ୍କ ପତ୍ନୀ ରାଧାଙ୍କ ପାଖରେ ବିଶେଷ ଭାବରେ ଋଣୀ । କାରଣ ସେମାନେ ଶିଶୁ ଅବସ୍ଥାରେ ତାଙ୍କର ଯତ୍ନ ନେଇଛନ୍ତି ଓ ସୁରକ୍ଷା ଦେଇଛନ୍ତି, ବାଳକ ଅବସ୍ଥାରେ ଉପଦେଶ ଦେଇଛନ୍ତି ଏବଂ ଯୌବନାବସ୍ଥାରେ ଶିକ୍ଷା ଦେଇଛନ୍ତି । ପାରିବାରିକ ସଂପର୍କ, ସ୍ନେହ ଏବଂ ଅନୁରକ୍ତିତାଙ୍କର ପୋଷ୍ୟ ପିତାମାତାଙ୍କ ସହିତ ବାନ୍ଧି ରଖିଛି । ତେଣୁ ସେ ଶ୍ରୀକୃଷ୍ଣଙ୍କ ପ୍ରସ୍ତାବରେ ସେମାନଙ୍କୁ ପରିତ୍ୟାଗ କରିପାରିବେ ନାହିଁ । ସେ ଆହୁରି କହିଲେ : ମୁଁ ବନ୍ଧୁ ଦୁର୍ଯ୍ୟୋଧନଙ୍କ ପ୍ରତି ମୋର କର୍ତବ୍ୟ ଓ କୃତଜ୍ଞତାକୁ ଭୁଲି ପାରିବି ନାହିଁ । ସେ ମୋତେ ରାଜପଦ ଦେଇଛନ୍ତି । ଏ ଭୟଙ୍କର ଯୁଦ୍ଧରେ ସେ ମୋ ଉପରେ ସଂପୂର୍ଣ୍ଣ ରୁପରେ ନିର୍ଭର କରୁଛନ୍ତି ଏବଂ ସେ ମୋତେ ଅର୍ଜୁନଙ୍କ ସହ ଯୁଦ୍ଧ କରିବାକୁ ବାଛିଛନ୍ତି । ଏଣୁ ଏହି ପରିସ୍ଥିତିରେ ମୋତେ ଆପଣଙ୍କ ସମ୍ମାନକୁ ପ୍ରତ୍ୟାଖାନ କରିବାକୁ ପଡୁଛି । ସେ ଅନୁରୋଧ କରି କହିଛନ୍ତି ମୋର ଜନ୍ମ ବୃତାନ୍ତ ପାଣ୍ଡବ ମାନଙ୍କୁ କହିବେ ନାହିଁ, ସେମାନେ ଜାଣିଲେ ମୋ ସହିତ ଆଉ ଯୁଦ୍ଧକରିବେ ନାହିଁ କି ରାଜ୍ୟ ବି ଗ୍ରହଣ କରିବେ ନାହିଁ । ନିଜର ଜନ୍ମ ବତାନ୍ତ ଓ ପାଣ୍ଡବମାନେ ତାଙ୍କ ନିଜର ଭାଇ ବୋଲି ଜାଣିବା ପରେ ମଧ୍ୟ ଦୁର୍ଯ୍ୟୋଧନର ସପକ୍ଷରେ ପୁର୍ବବତ୍ ସମସ୍ତ ଆନୁଗତ୍ୟତା ସହ ଯୁଦ୍ଧ କରିଛନ୍ତି ଓ ଯୁଦ୍ଧ କ୍ଷେତ୍ରରେ ଅର୍ଜୁନଙ୍କ ଦ୍ୱାରା ପ୍ରାଣ ହରାଇଛନ୍ତି । ବନ୍ଧୁଙ୍କ ପାଇଁ କୃତଜ୍ଞତା ଓ ଆନୁଗତ୍ୟତା ପାଇଁ କର୍ଣ୍ଣ ନିଜ ଜୀବନକୁ ବଳିଦାନ କରିଛନ୍ତି ଏବଂ ବନ୍ଧୁଙ୍କ ପାଇଁ ଏହି ବଳିଦାନ ତାଙ୍କୁ ସ୍ୱର୍ଣ୍ଣାକ୍ଷରରେ ଯୁଗପରେ ଯୁଗ ଲିପିବଦ୍ଧ କରି ରଖିଛି । ଶ୍ରୀକୃଷ୍ଣ ମଧ୍ୟ ସାରଥୀ ସାଜି ଯୁଦ୍ଧକ୍ଷେତ୍ରରେ ନିଜ ଜୀବନକୁ ବାଜି ଲଗାଇ ବନ୍ଧୁ ଅର୍ଜୁନଙ୍କୁ ସାହାଯ୍ୟ କରିଥିଲେ । ଭଗବାନ ଶ୍ରୀରାମ ବନ୍ଧୁ ବିଭୀଷଣଙ୍କୁ ରାବଣର ବ୍ରହ୍ମଶରରୁ ରକ୍ଷାକରିବାକୁ ଯାଇ ନିଜେ ବ୍ରହ୍ମଶରର ଆଘାତ ପ୍ରାପ୍ତ ହୋଇଥିଲେ । ଏହାହିଁ ଆମ ସଂସ୍କୃତିର ଅବଦାନ, ଆମ ସନାତନ ସଂସ୍କୃତି ଶିକ୍ଷାଦେଇଛି ବନ୍ଧୁଙ୍କ ପ୍ରତି କୃତଜ୍ଞତା ପ୍ରଦର୍ଶନ କରିବା । କୃତଜ୍ଞତାରେ ତ୍ୟାଗ ଓ ବଳିଦାନ ଥାଏ ଏବଂ ମୃତ୍ୟୁ ସମୟରେ ସେ ଆତ୍ମ ସନ୍ତୋଷରେ ଲାଭକରେ, କୃତଘ୍ନତାରେ ସ୍ୱାର୍ଥ ହାସଲ ଦ୍ୱାରା ପାର୍ଥିବ ସୁଖ ମିଳିପାରେ କିନ୍ତୁ ଜୀବନରେ ଶାନ୍ତି ବହୁଦୂର । ମଣିଷ ଏକ ସାମାଜିକ ପ୍ରାଣୀ, ମଣିଷ ଜୀବନରେ ଏକ ବନ୍ଧୁର ଆବଶ୍ୟକତା ନିତାନ୍ତ ଆବଶ୍ୟକ, ନଚେତ୍ ମଣିଷ ନିଜକୁ ନିଃସଙ୍ଗ ଓ ନିସହାୟ ମନେକରେ । ବଣମଣିଷରୁ ସଭ୍ୟମଣିଷ ପ୍ରକ୍ରିୟା ଆରମ୍ଭ ହେବାପରେ ସେ ସର୍ବଦା ଗୋଟିଏ ଗୋଷ୍ଠୀ ମଧ୍ୟରେ ରହିବାକୁ ଭଲପାଇ ଆସିଛି । ତାକୁ ସମାଜର ଆଖ୍ୟା ଦେଇଛି ।ଜୀବନରେ ଅନେକ ବନ୍ଧୁ ଆସିବେ ଓ ଯିବେ । ତେବେ ପ୍ରକୃତ ବନ୍ଧୁ ଯିଏ ସବୁଦିନେ ଥିବେ । ପ୍ରକୃତ ବନ୍ଧୁତ୍ୱ ପାଇଁ ଉଭୟ ପକ୍ଷରୁ ବିଶ୍ୱାସ, ମାନସିକତା ଓ ଆନ୍ତରିକତାର ଏକାନ୍ତ ଆବଶ୍ୟକ । ଏଥିରେ ଅଭାବ ହେଲେ ସେ ବନ୍ଧୁତ୍ୱ ଏକ ଛଳନାମୟ ବନ୍ଧୁତାରେ ପରିଣତ ହୋଇଯାଏ । ତେବେ ସମୟ ଆସିଛି ବନ୍ଧୁଙ୍କ ବିଷୟରେ କିଛି ଚିନ୍ତା କରିବାର । ବର୍ଷରେ ଅନ୍ତତଃ ଗୋଟିଏ ଦିନ ଆମେ ବନ୍ଧୁଙ୍କ ବିଷୟରେ ଚନ୍ତା କରିବା, କମ୍ ହେଉ ପଛେ ନିର୍ମଳ ହୃଦୟରେ କିଛି ଉତମ ବନ୍ଧୁ ସୃଷ୍ଟି କରି ତାଙ୍କୁ ଜୀବନର ଅନୁଭୂତିକୁ ବାଂଟି ଜୀବନକୁ ସରସ ସୁନ୍ଦର କରି ସଂସାରକୁ ଉପଭୋଗ କରିବା । ଇଂରାଜିରେ ଏକ ଉକ୍ତି ଅଛି, **Frinds and books should be few but good.** ଅନ୍ତତଃପକ୍ଷେ ବନ୍ଧୁତା ନ ହେଲା ନାହିଁ କାହାରି ସହିତ ଶତୃତାକରି ନିଜ ଜୀବନର ମୁଲ୍ୟବାନ ସମୟତକ ତାଙ୍କ ପଛରେ ବରବାଦ ନ କରିବାକୁ ସଂକଳ୍ପ ନେବା ହିଁ ଆନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସର ଅନୁଚିନ୍ତା ହେବା ଉଚିତ୍ ।

*ଡେସ୍କ ଅଧିକାରୀ, ଅର୍ଥବିଭାଗ,
ମୋ-୯୪୩୮୫୫୫୬୭୦*

# ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ...

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଈଶ୍ୱରଙ୍କର ସବୁଠାରୁ ଦୁର୍ଲ୍ଲଭ ଉପହାର ହେଉଛି ବନ୍ଧୁ । ସଂସାରରେ ଏମିତି କେହି ଜଣେ ନାହିଁ ଯିଏ ବିନା ବନ୍ଧୁରେ ବ□ିଛି । କେବଳ ମଣିଷ ନୁହେଁ, ପଶୁ, ପକ୍ଷୀ ମଧ୍ୟ ଜାଣିଥାନ୍ତି ବନ୍ଧୁତ୍ୱ । ଯଦି କୌଣସି ସମୟରେ ଗୋଟେ ପଶୁ କିମ୍ବା ପକ୍ଷୀ ବିପଦରେ ପଡ଼ିଥାଏ କିମ୍ବା କେଉଁଠାରେ ଫସି ଯାଇଥାଏ, ତାକୁ ବଂଚେଇବାକୁ ଚାଲି ଆସିଥାନ୍ତି ତାଙ୍କର ସମ୍ପୂର୍ଣ୍ଣ ଗୋଷ୍ଠୀ । କଥା କହିପାରୁନଥିଲେ ମଧ୍ୟ ବନ୍ଧୁ ପାଇଁ ତାଙ୍କ ଆଖିରୁ ଝରି ପଡ଼ିଥାଏ ଲୁହ । ଏହି ବନ୍ଧୁତ୍ୱର ଉଦାହରଣ ପୁରାଣରେ ଅନେକ ସ୍ଥାନରେ ଦେଖାଯାଏ । ସେଥି ମଧ୍ୟରୁ ଭଗବାନ ଶ୍ରୀକୃଷ୍ଣ ଓ ଭକ୍ତ ସୁଦାମାଙ୍କ ନିବିଡ଼ ବନ୍ଧୁତ୍ୱ ଆଜି ବି ସମସ୍ତଙ୍କ ପାଇଁ ଏକ ଉଦାହରଣ ହୋଇ ରହିଛି । ବନ୍ଧୁଙ୍କୁ ଭଗବାନଙ୍କ ବରଦାନ ବୋଲି ଆମେ ଭାବିଥାଉ । ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ଅଗଷ୍ଟ ମାସର ପ୍ରଥମ ରବିବାରକୁ ବନ୍ଧୁତ୍ୱ ଦିବସ ବା ଫ୍ରେଣ୍ଡସିପ୍ ଡେ ରୂପେ ପାଳନ କରାଯାଏ । ଏହି ବନ୍ଧୁତ୍ୱ ଦିବସ ପାଳନ କରିବା ପରମ୍ପରା ଆମେରିକାରୁ ଆରମ୍ଭ ହୋଇଛି । ଏହା ପଛରେ ଏକ କାହାଣୀ ଲୁଚି ରହିଛି । ଆମେରିକାର ସରକାର ଜଣେ ବ୍ୟକ୍ତିଙ୍କୁ ମାରି ଦେଇଥିଲେ । ଏହାପରେ ତାଙ୍କ ସାଙ୍ଗମାନେ ତାଙ୍କ ଦୁଃଖରେ ଆତ୍ମହତ୍ୟା କରିଥିଲେ । ସେବେଠାରୁ ଆମେରିକା କଂଗ୍ରେସ୍ ଅଗଷ୍ଟ ମାସର ପ୍ରଥମ ରବିବାରକୁ ବନ୍ଧୁତ୍ୱ ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରିଥିଲେ । ସେହି ଦିନଠାରୁ ବନ୍ଧୁତ୍ୱ ଦିବସ ବହୁ ଦେଶରେ ପାଳନ କରାଯାଉଛି । ଆଜିର ଦିନଟିକୁ ଆହୁରି ସୁନ୍ଦର କରିବା ପାଇଁ ଏବଂ ଚିର ଦିନ ମନେ ରଖିବା ପାଇଁ କେହି କେହି କାର୍ଡ଼ କିମ୍ବା ଭଲ ଭଲ ଉପହାର ଦେଇଥାନ୍ତି ତ ଆଉ କେହି ନିଜର ବନ୍ଧୁ ସାଥୀରେ ବୁଲିଯାଇଥାନ୍ତି ବିଭିନ୍ନ ସ୍ଥାନକୁ ଏବଂ କେହି କେହି ସମ୍ପୂର୍ଣ୍ଣ ଦିନଟିକୁ ନିଜ ବନ୍ଧୁ ସହିତ ବିତେଇବାକୁ ପସନ୍ଦ କରିଥାନ୍ତି । ପରସ୍ପରକୁ ଆଲିଙ୍ଗନ କରି ଏବଂ ହାତରେ ଫ୍ରେଣ୍ଡସିପ୍ ବ୍ୟାଣ୍ଡ ବାନ୍ଧି ଅଭିନନ୍ଦନ ଜଣାଇଥାନ୍ତି । ଏହି ପ୍ରସଙ୍ଗରେ ଯୁଗପୁରୁଷୋ□ମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ 'ସତ୍ୟାନୁସରଣ'ରେ ପ୍ରକାଶ କରିଛନ୍ତି - ତୁମେ ଅନ୍ୟ ନିକଟରୁ ଯେପରି ପାଇବାକୁ ଇଚ୍ଛା କର, ଅପରକୁ ମଧ୍ୟ ସେହିପରି ଦେବାକୁ



ଚେଷ୍ଟା କର - ଏପରି ବୁଝି ଚଳି ପାରିଲେ ହିଁ ଯଥେଷ୍ଟ - ଆପେ ଆପେ ସମସ୍ତେ ତୁମକୁ ପସନ୍ଦ କରିବେ, ଭଲ ପାଇବେ । ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍‌ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି । ସାବଧାନ୍, ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅ ନାହିଁ, ତାହାଲେ ତୁମର ଦୁର୍ଗତିର ସୀମା ରହିବନାହିଁ । ଭଗବାନ ପୁରୁଷୋ□ମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ବାଲ୍ୟ ସହଚର ଭକ୍ତ ଅନନ୍ତନାଥ, କିଶୋରୀ ମୋହନ ଓ ସତୀଶ ଚନ୍ଦ୍ର ଗୋସ୍ୱାମୀଙ୍କୁ ନେଇ ସତ୍‌ସଙ୍ଗ ସାମ୍ରାଜ୍ୟରମୂଳଦୁଆ ପକାଇ ଥିଲେ । ପୁନର୍ବାର ନିଶ୍ଚୟାତ୍ମକ ଭଙ୍ଗୀରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଯଦି କେହି କେବେ ହେଲେ ଅନ୍ୟାୟ କରେ, ଆଉ ଏକାନ୍ତ ହିଁ ତା'ର ପ୍ରତିଶୋଧ ନେବାକୁ ହୁଏ, ତେବେ ତୁମେ ତା ସଙ୍ଗରେ ଏପରି ବ୍ୟବହାର କର ଯାହାଦ୍ୱାରା ସେ ଅନୁତପ୍ତ ହୁଏ; ଏହା ଠାରୁ ବଳି ପ୍ରତିଶୋଧ ଆଉ ନାହିଁ - ଅନୁତାପ ତୁଷାନଳ । ସେଥିରେ ଉଭୟଙ୍କର ହିଁ ମଙ୍ଗଳ । ବନ୍ଧୁତ୍ୱ ଖାରଜ କରନାହିଁ, ତା'ହେଲେ ଶାସ୍ତିରେ ସମବେଦନା ଓ ସାନ୍ତ୍ୱନା ପାଇବ ନାହିଁ । ତୁମ ବନ୍ଧୁ ଯଦି ଅସତ୍ ବି ହୁଏ, ତାକୁ ତ୍ୟାଗ କରନାହିଁ, ବରଂ ପ୍ରୟୋଜନ ହେଲେ ତା'ର ସଙ୍ଗ ବନ୍ଦ କର । କିନ୍ତୁ ଅନ୍ତରରେ ଶ୍ରଦ୍ଧା ରଖି ବିପଦ-ଆପଦରେ କାୟମନୋବାକ୍ୟରେ ସାହାଯ୍ୟ କର, ଆଉ ଅନୁତପ୍ତ ହେଲେ ଆଲିଙ୍ଗନ କର । ତୁମ ବନ୍ଧୁ ଯଦି କୁପଥରେ ଯାଏ, ଆଉ ତୁମେ ଯଦି ତାକୁ ଫେରାଇବାକୁ ଚେଷ୍ଟା ନକର ବା ତ୍ୟାଗକର, ତା'ର ଶାସ୍ତି ତୁମକୁ ବି ତ୍ୟାଗ କରିବ ନାହିଁ । ବନ୍ଧୁର କୁତ୍ସାରଟନା କର ନାହିଁ ବା କୌଣସି ପ୍ରକାରେ ଅନ୍ୟ ପାଖରେ ନିନ୍ଦା କରନାହିଁ; କିନ୍ତୁ ତା'ବୋଲି ତା' ନିକଟରେ ତା'ର କୌଣସି ମନ୍ଦର ପ୍ରଶ୍ରୟ ଦିଅନାହିଁ । ବନ୍ଧୁ ନିକଟରେ ଉଦ୍ଧତ ହୁଅନାହିଁ, କିନ୍ତୁ ପ୍ରେମର ସହିତ ଅଭିମାନରେ ତାକୁ ଶାସନ କର । ବନ୍ଧୁ ନିକଟରୁ କିଛି ପ୍ରତ୍ୟାଶା ରଖନାହିଁ, କିନ୍ତୁ ଯାହା ପାଅ, ପ୍ରେମର ସହିତ ଗ୍ରହଣ କର । କିଛି ଦେଲେ ପାଇବାର ଆଶା ରଖନାହିଁ, କିନ୍ତୁ କିଛି ପାଇଲେ ଦେବାକୁ ଚେଷ୍ଟା କର । ବାସ୍ତବରେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦିବ୍ୟବାଣୀ ହିଁ ବ□ମାନର ଅଶାନ୍ତ, କଳୁଷିତ, ସ୍ୱାର୍ଥାନ୍ୱେଷୀ ଓ ଭସ୍ମାସୁର ସମାଜ ପ୍ରତି ଏକ ପ୍ରେମପୂର୍ଣ୍ଣ ଓ ଚରମ ଚେତାବନୀ । ସେଥିପାଇଁ ଯଥାର୍ଥରେ କୁହାଯାଇଛି - *ତ୍ୱମେବ ମାତା ଚ ପିତା ତ୍ୱମେବ, ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ ।*

*ସହ-ପ୍ରତିରଦ୍ଧିକ, ବିଭାଗୀୟ ମୁଖ୍ୟ
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ*




# ପାଲିଏଟିଭ କେୟାର କାର୍ଯ୍ୟକ୍ରମ ଉଦ୍‌ଘାଟିତ

ନୂଆପଡ଼ା(ନିପ୍ର): ଅଜୀମ ପ୍ରେମଜି ଫାଉଣ୍ଡେସନ ପ୍ରତ୍ୟେକ୍ଷ ସହଯୋଗରେ ଇଭାଞ୍ଜେଲିକାଲ ହସ୍ପିଟାଲ ସୋସାଇଟି, ଖଡ଼ିଆଳ ଦ୍ୱାରା ପାଲିଏଟିଭ କେୟାର କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ୧୯୩୦ ମସିହାରୁ ସେବା କରି ଆସୁଥିବା ଏହି ହସ୍ପିଟାଲ ବର୍ତ୍ତମାନ ଦୀର୍ଘକାଳୀନ ରୋଗୀ ଓ ବୟସ୍କ ବ୍ୟକ୍ତିଙ୍କ ପାଇଁ ଘରୋଇ ସ୍ୱାସ୍ଥ୍ୟସେବା ଯୋଗାଇ ଦେବ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଖଡ଼ିଆଳ ବ୍ଲକ ୧୪ ଗୋଟି ଗ୍ରାମ ପଂଚାୟତର ୬୦ ଗୋଟି ଗ୍ରାମରେ ରୋଗୀମାନଙ୍କୁ ଯନ୍ତ୍ରଣା ନିବାରଣ, ମାନସିକ ସହାୟତା ଓ ଘରେ ଯାଇ ଚିକିତ୍ସା ସେବା ଯୋଗାଇ ଦିଆଯିବ । ଆଜିର ଏହି ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇଭାଞ୍ଜେଲିକାଲ ହସ୍ପିଟାଲର ପୂର୍ବତନ ଡାଇରେକ୍ଟର ବରିଷ୍ଠ ଡକ୍ତର ଅଜିତ ସିଂ, ବିଶିଷ୍ଟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡ଼ିଆଳ ପଂଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ କୁମାର ନନ୍ଦ, ପ୍ରସୂତି ବିଶେଷଜ୍ଞ ବିଶିଷ୍ଟ ଡାକ୍ତର ପୁଷ୍ପା ସିଂ, ବିଶପ ସିପି ଦାସ, ଖଡ଼ିଆଳ ମୁକ୍ତିମାର୍ଗ ଚର୍ଚ୍ଚର ସମ୍ପାଦକ ପ୍ରୀତିରାଜ ପାତ୍ର, ଖଡ଼ିଆଳ ମୁକ୍ତିମାର୍ଗ ଚର୍ଚ୍ଚର କୋଷାଧ୍ୟକ୍ଷ ପ୍ରୀତମ ସିଂ, ଏନଭାଞ୍ଜିକାଲ ହସ୍ପିଟାଲର ଜେନେରାଲ ସୁପରିଟେଣ୍ଡେଂଟ ଲିଓନାର୍ଡ ରୋଜର ସାମୁଏଲ ଯୋଗଦାନ କରି ଶୁଭ ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଇଭାଞ୍ଜେଲିକାଲ ହସ୍ପିଟାଲର ଡାରେକ୍ଟର ନିବେଦିତା ପରମାଣିକ ସ୍ୱାଗତ ଭାଷଣ ସହିତ ଅଧ୍ୟକ୍ଷତା କରିଥିଲେ । କାଉନସିଲର ଆନନ୍ଦ ସେନାପତି ମଂଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଚନାବେଡା ସରପଂଚ ମଥାମଣି ତାଣ୍ଡି, ସରପଂଚ ତୁକୁଲା ନୀଳାଦ୍ରି ମେହେର, ସରପଂଚ ଭୁଲିଆ ସିଲୁଆଁ ଲକ୍ଷ୍ମୀ ବାଗ, ସରପଂଚ ଚିନ୍ଦାଗୁଡ଼ା ଜେମାମଣି ରଣା, ସରପଂଚ ରାଣୀମୁଣ୍ଡା ତୁକାରାମ ହିଆଲ, ଖାସବାହାଲ ସରପଂଚ କୁନୁଚରଣ ବେହେର, ସରପଂଚ ଗଡରାମୁଣ୍ଡା ଯୋଗଦାନ କରି ଶୁଭ ଉଦ୍ଘାଟନ କରିଥିଲେ । ନର୍ସିଂ ସୁପରିଟେଣ୍ଡେଂଟ ସୁମନ ଦାସ, ସହକାରୀ ନର୍ସିଂ ସୁପରିଟେଣ୍ଡେଂଟ ବନିତା ବନଛୋର ସମେତ ସମସ୍ତ ଡକ୍ତର ଓ କମ୍ପାଉଣ୍ଡର ଉପସ୍ଥିତ ଥିଲେ । ଏ ଅବସର ସମସ୍ତ ଅତିଥି ଓ ସ୍ଥାନୀୟ ସରପଂଚ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ବନ୍ୟା କ୍ଷୟକ୍ଷତିର ସରଜମିନ ତଦନ୍ତ: ବାଲିଚର ଜମି ଓ ସେତୁର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଦାବି

ଖଡ଼ିଆଳ(ନିପ୍ର): ଲଗାଣ ବର୍ଷା ଯୋଗୁଁ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ସୃଷ୍ଟି ହୋଇଥିବା ସଂଗୀନ ବନ୍ୟା ପରିସ୍ଥିତିର ସରଜମିନ ତଦନ୍ତ କରାଯାଇଛି । ଲୋକପ୍ରତିନିଧି, ଜିଲ୍ଲା ପ୍ରଶାସନ ଓ ଗ୍ରାମବାସୀ ମିଳିତ ଭାବେ ବନ୍ୟା ପ୍ରଭାବିତ ଅଂଚଳ ବୁଲି କ୍ଷୟକ୍ଷତିର ଆକଳନ କରିଛନ୍ତି । ଏହି ଯାଂଚ ପରିଦର୍ଶନ ସମୟରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଖଡ଼ିଆଳ ବିଡିଓ ମିଳନ କୁମାର ଝଙ୍କାର, କୃଷକ ଶକ୍ତି ସଂଗଠନ ଆବାହକ ସଞ୍ଜୟ ତିୱାରୀ, ସମାଜସେବୀ ଅକ୍ଷୟ ନନ୍ଦ ପ୍ରମୁଖ ଉପସ୍ଥିତ ରହି ପ୍ରଭାବିତ



ଗ୍ରାମଗୁଡ଼ିକର ସ୍ଥିତି ସମୀକ୍ଷା କରିଥିଲେ । ବ୍ୟାପକ କ୍ଷୟକ୍ଷତି ଓ ଚାଷ ଜମି ବାଲିଚର ଚଳିତ ବର୍ଷର ଲଗାଣ ବର୍ଷା ଯୋଗୁଁ ସୁନ୍ଦର ନଦୀରେ ବନ୍ୟା ଆସି ଉଭୟ ପାର୍ଶ୍ୱରେ ପ୍ରବଳ ତାଣ୍ଡବ ରଚିଛି । ଖଡ଼ିଆଳ ବ୍ଲକର ଘରଧରା, ବରଗାଁ, ଖୁଦପେଜ, ନେହେନା, ଗୋଡ଼ଧାପଦର୍ ଆଦି ନଦୀକୂଳିଆ ଗ୍ରାମଗୁଡ଼ିକରେ ବନ୍ୟା ଜଳ ମାଡ଼ିଯାଇ ରାସ୍ତାଘାଟ ଓ ସଂଯୋଗୀକରଣ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ପ୍ରକଳ୍ପ ଓ ସେତୁ ନଷ୍ଟ: ବନ୍ୟା ଜଳର ପ୍ରବଳ ସ୍ରୋତରେ କଂକ୍ରିଟ୍ ରାସ୍ତା ଧୋଇଯାଇ ଚାଷଜମିରେ ବିଛାଡ଼ି ହୋଇପଡ଼ିଛି । ଗୋଡ଼ଧାପଦ ଠାରେ ଏକ ଏପ୍ରୋଚ୍ ବ୍ରିଜ୍ ଭାଙ୍ଗିଯାଇ ପ୍ରକାଣ୍ଡ ଫାଟ ସୃଷ୍ଟି ହୋଇଛି । କୃଷି କ୍ଷେତ୍ରରେ କ୍ଷତି: ଶହ ଶହ ଏକର ଚାଷ ଜମିରେ ବାଲି ଚର ମାଡ଼ିଯାଇଥିବାରୁ ଏହା ଆଗାମୀ କିଛି ବର୍ଷ ପର୍ଯ୍ୟନ୍ତ ଚାଷ ଉପଯୋଗୀ ହୋଇପାରିବ ନାହିଁ । ସ୍ୱତନ୍ତ୍ର ପ୍ୟାକେଜ୍ ପାଇଁ ବିଧାୟକଙ୍କ ଦାବି ସୁନ୍ଦର ନଦୀ ଉପକୂଳବର୍ତ୍ତୀ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ବାଲିଚର ଜମିର ଉନ୍ନତୀକରଣ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବାକୁ ଖଡ଼ିଆଳ ବିଧାୟକ ସରକାରଙ୍କ ନିକଟରେ ଦାବି କରିଛନ୍ତି । ନିଜେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଂଚଳର ଏହି ସଂଗୀନ ସ୍ଥିତି ସମ୍ପର୍କରେ ଜଣାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ମୁଖ୍ୟ ଦାବି ଓ ପଦକ୍ଷେପ: ବନ୍ୟା କ୍ଷୟକ୍ଷତିର ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରାଯିବ । ଭଙ୍ଗା ସେତୁ, ବିପର୍ଯ୍ୟସ୍ତ ରାସ୍ତା ଓ ଭିତିଭୂମିର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ପାଣ୍ଠି ଯୋଗାଇ ଦିଆଯିବ । ପ୍ରଭାବିତ ଗ୍ରାମଗୁଡ଼ିକରେ ବିଦ୍ୟୁତ୍ ସେବା ତୁରନ୍ତ ସ୍ୱାଭାବିକ କରିବା ସହ ନଷ୍ଟ ହୋଇଥିବା ଟ୍ରାନ୍ସଫର୍ମର ଗୁଡ଼ିକୁ ମରାମତି/ ବଦଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଏଫଏଓ ପକ୍ଷରୁ ରେଫରି ଅପଗ୍ରେଡେସନ୍ ଫିଟନେସ୍ ଟେଷ୍ଟରେ ସଫଳ ଅଂଶଗ୍ରହଣ



ନୂଆପଡ଼ା(ନିପ୍ର): ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ୨୦୨୬ ମସିହାର ରେଫରି ଅପଗ୍ରେଡେସନ୍ ଫିଟନେସ୍ ଟେଷ୍ଟ (ସାଉଥ୍ ଜୋନ୍) ଗତ ଜୁଲାଇ ୩୧ ଓ ଅଗଷ୍ଟ ୧ ତାରିଖରେ ଜୟପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, କୋରାପୁଟ ଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଫିଟନେସ୍ ପରୀକ୍ଷାରେ ନୂଆପଡ଼ା ଜିଲ୍ଲାରୁ ମୋଟ ୭ ରେଫରି ଅଂଶଗ୍ରହଣ କରିଥିଲେ । ସେଥିରେ ୬ ପୂର୍ବରୁ ଲେଭେଲ୍-୮ ରେଫରି ଥିବାବେଳେ ୧ ଜଣ ନୂତନ ରେଫରି ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିଥିଲେ । ଓଡ଼ିଶା ଫୁଟବଲ୍ ସଂଘର ରେଫରି ବିଭାଗ ମୁଖ୍ୟ ଦୁର୍ଗା ମାଧବ ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପରୀକ୍ଷାରେ, ପୂର୍ବରୁ ଲେଭେଲ୍-୮ ରେଫରି ଥିବା ୬ ଜଣଙ୍କ ମଧ୍ୟରୁ ୫ ସଫଳତାର ସହ ଉତୀର୍ଣ୍ଣ ହୋଇଛନ୍ତି । ଫଳସ୍ୱରୂପ ସେମାନେ ଲେଭେଲ୍-୭କୁ ପଦୋନ୍ନତି ପାଇବେ । ଅନ୍ୟ ପକ୍ଷରେ, ନୂତନ ରେଫରି ମଧ୍ୟ ସଫଳତାର ସହ ପରୀକ୍ଷାରେ ଅଂଶ ଗ୍ରହଣ କରି ନିଜ ଯୋଗ୍ୟତାର ପରିଚୟ ଦେଇଛନ୍ତି । ନୂଆପଡ଼ା ଜିଲ୍ଲାର ରେଫରିମାନଙ୍କର ଏହି ସଫଳତା ଜିଲ୍ଲାରେ ଫୁଟବଲ୍ ରେଫରିଙ୍କ ଦକ୍ଷତା, ପ୍ରଶିକ୍ଷଣ ଓ ମାନ ବୃଦ୍ଧିର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ବୋଲି କ୍ରୀଡ଼ାପ୍ରେମୀ ଓ କ୍ରୀଡ଼ା ସଂଗଠକମାନେ ମତ ପ୍ରକାଶ କରିଛନ୍ତି ।

# ଫିଜିକାଲ କଲେଜକୁ ଜମି ଦେଇଥିବା ଜମି ଦାତାଙ୍କ ୭ ଦଫା ଦାବି ନେଇ ସାମ୍ବାଦିକ ସମ୍ମିଳନୀ

ବାଲିଆପାଳ(ନିପ୍ର): ବାଲିଆପାଳ ଫିଜିକାଲ କଲେଜକୁ ଜମି ଦେଲୁ କ୍ଷତି ପୂରଣ ପାଇଲୁ ନାହିଁ । କହି ୪୫ବର୍ଷ ଗଡାଇଲେ । ପ୍ରତି ବର୍ଷ ବୁଝିବେ କହି ଆମକୁ ଲଲିପପ ଧରାଇ ଦେଉଛନ୍ତି । ଆଉ ନୁହେଁ ଏଥର ଜମିର ମୂଲ୍ୟ ସହିତ ୭ଦଫା ଦାବୀ ପୂରଣ ନ ହେଲେ କଲେଜ ମୁଖ୍ୟ ଗେଟ ସମ୍ମୁଖରେ ବିକ୍ଷୋଭ ସହିତ ଅଗଷ୍ଟ ୩ ରୁ ଆମରଣ ଅନଶନ କରିବୁ ବୋଲି ଶନିବାର ଜମି ଦାତା ମାନେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଶନିବାର ବାଲିଆପାଳ ଶାରୀରିକ ଶିକ୍ଷା ପଶିକ୍ଷଣ ମହାବିଦ୍ୟାଳୟ (ଫିଜିକାଲ କଲେଜ)କୁ ଜମି ଦେଇଥିବା ଜମି ଦାତାଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଜମି ଦାତାଙ୍କ ମଧ୍ୟରୁ ଗିରିସ ଚନ୍ଦ୍ର ପାତ୍ର, ରାଜେଶ ପାତ୍ର, ସୁକାନ୍ତ କୁମାର ଗିରି, ଫିଂଟୁ ଗିରି, ଗୌରୀ ଶଙ୍କର ମଜୁମଦାର, ଶିବଶଙ୍କର ମଜୁମଦାର, ସନ୍ନ୍ୟାସୀ ପାତ୍ର, ଚିତରଞ୍ଜନ ପାତ୍ର, ବଙ୍କିମ ପାତ୍ର, ପ୍ରାଣକୃଷ୍ଣ ପାତ୍ର, ଅଜୟ ପାତ୍ର, ଜୀବନକୃଷ୍ଣ ପାତ୍ର, ଗଗନ ପାତ୍ର, ରଞ୍ଜନ ପତ୍ର, ଦେବବ୍ରତ ଦଣ୍ଡପାଟ, ପଦ୍ମଲୋଚନ ପାତ୍ରନାଡୀ ପାତ୍ର, ପ୍ରଫିପ ପାତ୍ର, ଅନନ୍ତ ସିଂ, ସୁବାସ ପାତ୍ର ପ୍ରମୁଖ ଯୋଗଦେଇ କହିଥିଲେ ଯେ ବାଲିଆପାଳ ଫିଜିକାଲ କଲେଜକୁ ୧୯୮୨ ମସିହାରେ ଶୁଭାରମ୍ଭ ହୋଇଥିଲା । ସେତେବେଳେ କଲେଜକୁ ସ୍ଥାନୀୟ ଆମେ ଜମି ହସ୍ତାନ୍ତର କରିଥିଲୁ । ସେତେବେଳେ ବିଭିନ୍ନ ଲୋଭ ଦେଖାଇ ଆମ୍ଭ ମାନଙ୍କୁ ଠାରୁ କଲେଜ କର୍ତ୍ତୃପକ୍ଷ ଜମି ନେଇଯାଇଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଜମିଦାତାଙ୍କୁ କଲେଜ କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶୃତି ପାଳନ କଲେନାହିଁ । ଫଳରେ ନିଜର ଜମି ଫେରାଇ ନେବାପାଇଁ ଆମ୍ଭେ ଆନ୍ଦୋଳନ କରିଚାଲିଛୁ । କଲେଜ କର୍ତ୍ତୃପକ୍ଷ ବାରମ୍ବାର ଆମକୁ ପୁଲିସ ପ୍ରଶାସନ ଭୟ ଦେଖାଇ ଆମ ଦାବିକୁ ହେୟ ଜ୍ଞାନ କରୁଛନ୍ତି । ଆମ ଦାବୀ କଲେଜ କର୍ତ୍ତୃପକ୍ଷ ପୂରଣ ନ କରନ୍ତି ତେବେ ଆସନ୍ତା ୩ତାରିଖ ଠାରୁ କଲେଜ ମୁଖ୍ୟ ଫାଟକରେ ଆମରଣ ଅନଶନ କରିବୁ ଆବଶ୍ୟକ ପଡ଼ିଲେ ଆତ୍ମାହୁତି ଦେବାକୁ ପଛାଇବୁ ନାହିଁ । ଦାବୀ ଗୁଡ଼ିକ ହେଲା ସମସ୍ତ ଜମି ମାଲିକଙ୍କ ଅଂଶ ମୁତାବକ ଜମିର ମୂଲ୍ୟ, ଜମି ଦେଇଥିବା ପ୍ରତି ପରିବାରରୁ ଜଣକୁ ଚାକିରୀ, ନୂତନ ପରିଚାଳନା କମିଟି ଗଠନ, ନିୟମ ଅନୁସାରେ ନୂତନ ଅଧ୍ୟକ୍ଷ ଚୟନ, ସିବିଆଇ ଦ୍ୱାରା କଲେଜର ଆୟ ବ୍ୟୟର ହିସାବ କରାଯାଉ ।

# ତୁରନ୍ତ ଉଦ୍ଧାର ଅଭିଯାନ ସତ୍ତ୍ୱେ ଦୁଃଖଦ ମୃତ୍ୟୁ ଏବଂ ରାଜନୈତିକ ବାଦବିବାଦ ମଧ୍ୟରେ ବିପନ୍ନ

ଧାମନଗର(ନିପ୍ର): ଧାମନଗର ରେ ବନ୍ୟା ର ତାଣ୍ଡବ ଲୀଳା ରେ ଧାମନଗର ବାସୀ ଅଣ ନିଶ୍ୱାସ ହୋଇ ପଡ଼ିଥିବା ଏବେ ରାଜନୈତିକ ଖେଳ ଆରମ୍ଭ ହୋଇ ଯାଇଚି ।ଗୋଟେ ପଟେ ବିଜେଡି ଧାମନଗର ରେ ବନ୍ୟା ମୁକାବିଲା କରିବାରେ ବିଫଳ ହୋଇଥିବା ବେଳେ କହୁଥିବା ବେଳେ ସେପଟେ ଧାମନଗର ରେ ବନ୍ୟା ମୁକାବିଲା ରେ କୌଣସି ଅସୁବିଧା ହୋଇ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀ ରେ ନିଜ ନିଜ ର ମତ ରଖିଛନ୍ତି ତେବେ ଉଭୟ ରାଜନୀତି କରି ବିପନ୍ନ ଙ୍କୁ ହଇରାଣ କରୁଛନ୍ତି ବୋଲି ଶନିବାର ଦିନ ରାଜ୍ୟ କଂଗ୍ରେସ ଦଳ ର ଉପନେତା ତଥା ବାସୁଦେବପୁର ର ବିଧାୟକ ଅଶୋକ କୁମାର ଦାସ ଧାମନଗର ଗ୍ରସ୍ତ କରି କହିଛନ୍ତି । କେବେ ଫଟ ଉଠାଇ ବନ୍ୟା ବିପନ୍ନ ଙ୍କୁ ଭୁଆଁ ବୁଲାଉଛନ୍ତି, ଫତେପୁର ପଂଚାୟତରେ ଜଣେ ୭ ବର୍ଷ ର



ଛାତ୍ରୀ ବନ୍ୟା ଜଳରେ ବୁଡି ମୃତ ହୋଇ ଥିବା ବେଳେ ପ୍ରଶାସନ ଏହାକୁ ପୋଖରୀରେ ପଡ଼ି ମୃତ୍ୟୁ ହୋଇଛି ବୋଲି କହିବା ନିହାତି ହାସ୍ୟାସ୍ପଦ ବୋଲି କହିଛନ୍ତି । ଗୋଟିଏ ପଟେ ପ୍ରଶାସନ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜୋରଦାର କରିଥିବାବେଳେ ଅନ୍ୟପଟେ କିଛି ଅଘଟଣ ସ୍ଥାନୀୟ ଅଂଚଳକୁ ସ୍ତବ୍ଧ କରିଦେଇଛି । ଫତେପୁର ଅଂଚଳରେ ବନ୍ୟା ଜଳରେ ଭାସି ଜଣେ ଛାତ୍ରୀ ଜ୍ୟୋତି ସାହୁଙ୍କର ମୃତ୍ୟୁ ଘଟିଛି । ?ସେହିପରି ଶନିବାର ଦିନ ପ୍ରାୟ ୧୧ଟା ବେଳେ ଦଳାଙ୍ଗ ପଂଚାୟତର ପାଟୁଳୀ ଗ୍ରାମର ବିଶ୍ୱନାଥ ଯେନାଙ୍କ ସ୍ତ୍ରୀ ଦେବକୀ ଯେନା (୭୦) ନିକଟସ୍ଥ ଗେଙ୍ଗୁଟି ନଦୀରେ ଗୋଡ଼ ଖସିଯିବା ଫଳରେ ବନ୍ୟା ଜଳରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି । ଖବର ପାଇ ଧାମନଗର ଦମକଳ ବାହିନୀର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଂଚିଥିଲେ । ମୃତ ପରିବାର ନିକଟରେ କଂଗ୍ରେସ ନେତା ତଥା ଉପ ନେତା ଅଶୋକ କୁମାର ଦାସ, କଂଗ୍ରେସ ନେତା ଅଭିଷେକ ରାଉତ, ବିଦ୍ୟାଧର ଯେନା ପହଂଚି ସମବେଦନା ଜଣାଇଥିଲେ । ଦଳାଙ୍ଗ ପଂଚାୟତ ର ଭୋଳାନାଥ ପୃଷ୍ଟିଙ୍କ ଘର ବନ୍ୟା ରେ ଭାଙ୍ଗି ଯାଇଥିବା ବେଳେ ପଲିଥିନ ଟେ ମିଳିଲା ନାହିଁ । ଏବେବି ଧାମନଗର ବ୍ଲକରେ ଅନେକ ଗ୍ରାମ ରେ ବନ୍ୟାପାଣି ରହିଥିବା ବେଳେ ଚାଷ ଜମି ର ପାଣି ଖସୁନାହିଁ । ତେବେ ଆଜି ବିଭିନ୍ନ ପଂଚାୟତ କୁ ଗୋଖାଦ୍ୟ ପହଂଚି ଛି ବୋଲି ବିଡିଓ ଧାମନଗର କହିଛନ୍ତି ।

# ବରିଷ୍ଠ କର୍ମଚାରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ସିଦ୍ଧାର୍ଥ ଦେ ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ବର୍ଷ ନିଷ୍ଠାପର ଭାବେ ନୟାଗଡ଼ ଜିଲ୍ଲାରେ ସେ କାର୍ଯ୍ୟକରୀ ସୁନାମ ଅର୍ଜ୍ଜନ କରିଛନ୍ତି । ନୟାଗଡ଼ ସାମ୍ବାଦିକ ଭବନରେ ଏକ ସମ୍ବର୍ଦ୍ଧନା ସଭା ସଭାପତି ବୈଦ୍ୟ ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାକୁ ସମ୍ପାଦକ ଅନୀଲ କୁମାର ପଣ୍ଡା ସଂଯୋଜନା କରିଥିଲେ । ସାମ୍ବାଦିକମାନେ କିରାଣୀ ସିଦ୍ଧାର୍ଥ ଦେଙ୍କୁ ନେଇ ସାମ୍ବାଦିକ ଭବନ ର ସଭାପତିଙ୍କ ସମେତ ସାମ୍ବାଦିକ ଅଶୋକ କୁମାର ସାଥୁଆ, ଜୟନ୍ତ ମିଶ୍ର, ସ୍ୱରୂପ ପଟ୍ଟନାୟକ, ଅନର ଅଲ୍ଲୀ, ବାସୁଦେବ ମହାନ୍ତି, ବିଶ୍ୱ ଭୂଷଣ ମହାପାତ୍ର, ପ୍ରଭାତ ମହାପାତ୍ର, ନିଜ ନିଜର ଅନୁଭୂତି ବଖାଣିଥିଲେ । ନୟାଗଡ଼ ଜିଲ୍ଲାର ସାମ୍ବାଦିକଙ୍କ ପାଇଁ ସେ କରିଥିବା ସାହାଯ୍ୟ ଓ ସହଯୋଗ ସମସ୍ତଙ୍କ ମନେ ରହିବ ବୋଲି କହିଥିଲେ । ଶ୍ରୀଯୁକ୍ତ ଦେ, ନୟାଗଡ଼ରେ ଦୀର୍ଘ ୩୨ ବର୍ଷ କାଳ ସୁଚାରୁ ରୂପେ ନିଜ ଦାୟିତ୍ୱ ନିର୍ବାହନ କରି ଲୋକପ୍ରିୟ ହୋଇପାରିଥିଲେ ।

# ବ୍ଲକ ଶିକ୍ଷା ଅଧିକାରୀ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ

କଟକ(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ପୂର୍ବତନ ଜୁନିଅର ସହାୟକ ଦେବଦ୍ୟୁତି ନନ୍ଦ (ଅଧିକାରୀ- ଜୁନିଅର ସହାୟକ, ସରକାରୀ ଉଚ୍ଚ ବିଦ୍ୟାଳୟ, ଜଗାଇ, ବାଲିଆପାଳ)ଙ୍କୁ ୨୦୨୨ ରୁ ୨୦୨୬ ବର୍ଷ ମଧ୍ୟରେ ନିଜର ନକଲି ବକେୟା ଦରମା ବିଲ୍ ପ୍ରସ୍ତୁତ କରି ଟ.୩୭,୩୨,୭୦୮ଙ୍କା ସରକାରୀ ଟଙ୍କା ଆତ୍ମସାତ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି । ସେ ବାଲିଆପାଳର ବିଇଓ କାର୍ଯ୍ୟାଳୟର ବିଲ୍ କ୍ଲର୍କ-କମ୍-ଆକାଉଂଟାଟ ଭାବରେ ତାଙ୍କ ସରକାରୀ ପଦବୀର ସୁଯୋଗ ନେଇ ବାଲିଆପାଳର ବିଲ୍ କ୍ଲର୍କ-କମ୍-ଆକାଉଂଟାଟ ଭାବରେ ବାଲିଆପାଳର ବିଲ୍ କ୍ଲର୍କ-କମ୍-ଆକାଉଂଟାଟ ଭାବରେ ତାଙ୍କର ସରକାରୀ ପଦବୀର ସୁଯୋଗ ନେଇ ବାଲିଆପାଳର ବିଲ୍ ଅଧୀନରେ ଥିବା ଅନ୍ୟ କର୍ମଚାରୀଙ୍କ ବକେୟା ଡିଏ ବିଲ୍‌ରେ ଜାଲିଆତି ଭାବରେ ତାଙ୍କର ନକଲି ବକେୟା ଦରମା ବିଲ୍‌ଗୁଡ଼ିକୁ ପ୍ରବେଶ କରାଇଛନ୍ତି । ତାଙ୍କୁ ଆଜି କୋର୍ଟକୁ ପଠାଯାଉଛି । ଏହି ସମ୍ପର୍କରେ, ଅଭିଯୁକ୍ତ ଶ୍ରୀ ନନ୍ଦଙ୍କ ବିରୁଦ୍ଧରେ ବାଲେଶ୍ୱର ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୧୩/୨୦୨୬, ଧାରା ୧୩(୨)ର/ଡବ୍ଲୁ୧୩(୧) (କ)ପିସି (ସଂଶୋଧନ) ଆଇନ, ୨୦୧୮/୪୬୭/୪୬୮/୪୭୧/୪୭୭-ଏ ଆଇପିସି ରୁଜୁ କରାଯାଇଛି । ମାମଲାର ତଦନ୍ତ ଜାରି ରହିଛି ।

# ବନ୍ୟା ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନର ତ୍ୱରିତ ପଦକ୍ଷେପ

ଜଗତସିଂହପୁର(ନିପ୍ର): ଜିଲ୍ଲାରେ ବନ୍ୟା ଜନିତ ସ୍ଥିତି ନିମନ୍ତେ ଗତକାଲି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଅଧିକାରୀମାନଙ୍କ ସହିତ ସମୀକ୍ଷା କରି ବିଭାଗୀୟ ଅଧିକାରୀ ମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ର ୪ ଜଣ ବରିଷ୍ଠ ଅଧିକାରୀ ଙ୍କୁ ବନ୍ୟାଂଚଳ ସ୍ଥିତି ଅନୁଧ୍ୟାନ ନିମନ୍ତେ ଦାୟିତ୍ୱ ଦିଆଯାଇଛି । ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ କ୍ଷୟ ପିଲେଙ୍କୁ ଜଗତସିଂପୁର ବ୍ଲକ୍, ପୌରାଂଚଳ ଓ ନାଉଗାଁ ବ୍ଲକ ର ଦାୟିତ୍ୱ ଦିଆଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଙ୍କୁ ତିର୍ତୋଲ, ବିରିଡି ଓ ରଘୁନାଥପୁର ବନ୍ୟା ପ୍ରଭାବିତ ଅଂଚଳ ର ଦାୟିତ୍ୱ ଦିଆଯାଇଛି । ସେହିପରି ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ଙ୍କୁ ବାଲିକୁଦା ଏରସମା ବ୍ଲକ ଓ ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଂଜନ ବେହେରାଙ୍କୁ କୁଜଙ୍ଗ ବ୍ଲକ ଓ ପାରାଦ୍ୱୀପ ମ୍ୟୁନିସିପାଲିଟୀ ଦାୟିତ୍ୱ ଦିଆଯାଇଛି । ଅଧିକାରୀ ମାନେ ବନ୍ୟାଂଚଳ ଗୁଡିକୁ ପରିଦର୍ଶନ କରି ସମୀକ୍ଷା କରିବା ସହ ଆଶ୍ରୟ ସ୍ଥଳୀ ରେ ଥିବା ଲୋକମାନଙ୍କ ସୁବିଧା ଅସୁବିଧା କଥା ବୁଝିଥିଲେ ।ସେମାନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ, ପଲିଥିନ, ଔଷଧ, କିଶୋରୀ ଓ ମହିଳା ଙ୍କୁ ସାନିଟାରୀ ନ୍ୟାପକିନ୍ ଆଦି ବଂଟନ କରାଯାଇଛି । ଜିଲ୍ଲାରେ ମହାନଦୀ ଓ ଦେବୀ ନଦୀ ରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁ କୁଜଙ୍ଗ , ବିରିଡି, ନାଉଗାଁ, ରଘୁନାଥପୁର, ବାଲିକୁଦା ବ୍ଲକ୍ ପ୍ରଭାବିତ ହୋଇଛି । ଆଜି ଅପରାହ୍ଣ ୪.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ତିର୍ତୋଲ ବ୍ଲକରେ ୭ ଟି ଗ୍ରାମ ପଂଚାୟତ ର ୭ ଟି ରାଜସ୍ୱ ଗ୍ରାମ, କୁଜଙ୍ଗ ବ୍ଲକରେ ୬ ଟି ଗ୍ରାମ ପଂଚାୟତ ର ୮ ଟି ଗ୍ରାମ , ବିରିଡି ବ୍ଲକରେ ୪ ଗ୍ରାମ ପଂଚାୟତ ର ୫ ଗ୍ରାମ, ନାଉଗାଁ ବ୍ଲକ ର ୧ ପଂଚାୟତ ର ୨ ଗ୍ରାମ, ବାଲିକୁଦା ବ୍ଲକ ର ୨ ପଂଚାୟତ ପ୍ରଭାବିତ ହୋଇଥିବାର ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ପ୍ରାପ୍ତ ହୋଇଛି ।କୁଜଙ୍ଗ ଜିଲ୍ଲାନାସୀ ପଂଚାୟତ ର ସାହାରଡିଆ ବାହ୍ୟ ଜଗତରୁ ବିଛିନ୍ନ ରହିଥିବା ବେଳେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ , ବିଡ଼ିଓ ତହସିଲଦାର ବୋଟ ଯୋଗେ ସେଠାରେ ପହଂଚି ଶୁଖିଲା ଖାଦ୍ୟ, ପଲିଥିନ, ଔଷଧ ଆଦି ଯୋଗାଇବା ସହ ସୁବିଧା ଅସୁବିଧା କଥା ବୁଝିଥିଲେ । ଜିଲ୍ଲ ରେ ମୋଟ ୬୫୭୪ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୧୨୮ ଜଣଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି । ୨୩ ଟି ଫ୍ରୀ କିଚେନ ସେଂଟର୍ ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ପ୍ରଭାବିତ ମାନଙ୍କୁ ଚୁଡା, ଗୁଡ଼, ପଲିଥିନ୍ ରୋଲ୍ ଯୋଗାଇ ଦିଆଯାଇଛି । ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ବ୍ଲକ୍ ର ସି ଏଚ୍ ସି ରେ ୧୧ ଟି ୨୪ଂଚ୭ କଂଟ୍ରୋଲ ରୁମ ଖୋଲାଯାଇଛି । କଂଟ୍ରୋଲ ରୁମ ଭକ୍ଟ ୦୬୭୨୪-୨୯୫୪୨୭ । ୯ ଟି ମୋବାଇଲ ଷରବକ୍ଷସ୍ତ୍ରଷ ଟିମ୍, ୧୫ ଟି ୧୦୮ ଆମ୍ବୁଲାନ୍ସ, ୧୨ ଟି ୧୦୨ଆମ୍ବୁଲାନ୍ସ ଓ ଉଐଐ ରେ ୨ ଟି ଈଖଝ (ବେସିକ୍ ଲାଇଫ ସପୋର୍ଟ) ଆମ୍ବୁଲାନ୍ସ ରହିଛି । ୪ ରାପିଡ ରେସ୍ପନ୍ସ ଟିମ୍ ନିୟୋଜିତ ହୋଇଛି । ୨୪୭୦ ଟି କୂପ କୁ ବିଶୋଧିତ କରାଯାଇଛି । ୧୦୫ ଗର୍ଭବତୀ ମହିଳା ଙ୍କୁ ମା ଗୃହ, ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ୫୬ ଜଣଙ୍କର ପ୍ରସବ ହୋଇ ଥିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି ।୪୬୮୦ ଟି ପାଣି ବୋତଲ, ୭୩୦୦ ପାଣି ପାଉଚ୍ ଯୋଗାଇ ଦିଆଯାଇଛି । ୮ ଟି ପାଣି ଟ୍ୟାଙ୍କର ୧ ଟି ମୋବାଇଲ ୱାଟର ଟ୍ରିଟମେଂଟ ୟୁନିଟ୍ ଜିଲ୍ଲା ରେ ନିୟୋଜିତ ହୋଇଛି । ସମୁଦାୟ ୬୮୧୯ ଟି ବଡ ଓ ୩୪୩୦ ଟି ଛୋଟ ଗୃହପାଳିତ ପଶୁ ପ୍ରଭାବିତ ହୋଇଛନ୍ତି । ସେମାନଙ୍କୁ ୨୨୯ କ୍ୱିଂଟାଲ ପଶୁ ଖାଦ୍ୟ ଓ ୪୫ କ୍ୱି[ାଲ ଗ୍ରୀନ ଫୋଡର ଯୋଗାଇ ଦିଆଯାଇଛି । ୧୬ ଟି ପଶୁ ଚିକିତ୍ସା ଶିବିର ଖୋଲାଯାଇ ୮୩୯ ଟି ପଶୁଙ୍କୁ ଚିକିତ୍ସା କରାଯାଇଛି ବୋଲି ବିଭାଗୀୟ ଅଧିକାରୀ ଙ୍କ ନିକଟରୁ ସୂଚନା ମିଳିଛି । ୨୪୭୦ ହେକ୍ଟର ଶସ୍ୟ କ୍ଷେତ୍ର ବନ୍ୟା ଜଳ ଯୋଗେ ଜଳମଗ୍ନ ହୋଇଥିବା ବେଳେ ୩୦୩୯ ହେକ୍ଟର ତଳି ଘେର, ୧୨ ହେକ୍ଟର ମାଣ୍ଡିଆ କ୍ଷେତ, ୬୩.୫ ହେକ୍ଟର ପରିବା ଚାଷ ଜମି ଜଳମଗ୍ନ ରହିଛି । ବନ୍ୟା ପ୍ରଭାବିତ ଅଂଚଳରେ ଉଦ୍ଧାର କାର୍ଯ୍ୟ ଓ ରିଲିଫ ବ[ନ ନିମନ୍ତେ ଓଡ୍ରାଫ୍ ଟିମ୍ ଓ ଏନ୍.ଡି.ଆର.ଏଫ୍ ଟିମ୍ ନିୟୋଜିତ କରାଯାଇଛି । ବନ୍ୟା ଛାଡିଲା ପରେ ପାନୀୟ ଜଳ ଉତ୍ସ ନଳକୂପ, ପାନୀୟ ଜଳପ୍ରକଳ୍ପ ଗୁଡ଼ିକୁ ବିଶୁଦ୍ଧୀକରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ୧୦୪ ଟି ବିଦ୍ୟାଳୟ ଓ ୧୯୦ ଟି ଅଙ୍ଗନୱାଡି କେନ୍ଦ୍ର କୁ ଆସନ୍ତାକାଲି ଅର୍ଥାତ୍ ୧/୦୮/୨୬ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି । ଜିଲ୍ଲାପାଳ ଆଜି ମଧ୍ୟ କ୍ଷେତ୍ରୀୟ ଅଧିକାରୀ ମାନଙ୍କ ସହ ବନ୍ୟା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ ।



# ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ବ୍ରହ୍ମପୁର(ନି.ପ୍ର.) : ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସ ୪ ଓ ୫ ତାରିଖରେ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସୁଥିବା ପରିପ୍ରେକ୍ଷୀରେ ଜିଲ୍ଲାପାଳ ଭି. କୀର୍ତି ଭାସନଙ୍କ ଅଧ୍ୟକ୍ଷତାରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମାନ୍ୟବର ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ରେଳ ଷ୍ଟେସନରେ ପହଂଚିବା ଠାରୁ ଆରମ୍ଭ କରି ପ୍ରତ୍ୟାବର୍ତନ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତି ଓ ବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା ।

ଜିଲ୍ଲାପାଳ ଭି. କୀର୍ତି ଭାସନ କହିଥିଲେ ଯେ, ମାନ୍ୟବର ରାଷ୍ଟ୍ରପତିଙ୍କ ଗଞ୍ଜାମ ଆଗମନ ଜିଲ୍ଲାବାସୀ ଏବଂ ଜିଲ୍ଲା ପ୍ରଶାସନ ପାଇଁ ଗର୍ବ ଓ ଗୌରବର ବିଷୟ । ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ସମସ୍ତ ପ୍ରସ୍ତୁତି ଜାରି ରହିଥିବା ବେଳେ ଖୁବ୍ ଶୀଘ୍ର ପୂର୍ଣ୍ଣାଙ୍ଗ ରିହର୍ସାଲ ଅନୁଷ୍ଠିତ ହେବ । ମାନ୍ୟବର ରାଷ୍ଟ୍ରପତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯେଉଁ ରୁଟ୍ ?ରେ ଯାତାୟାତ କରିବେ, ସେହି ରାସ୍ତାର ପରିଷ୍କାର-ପରିଚ୍ଛନ୍ନତା, ରାସ୍ତାକଡ଼ ଜବରଦଖଲ ଉଚ୍ଛେଦ, ଅସ୍ଥାୟୀ ଭେଣ୍ଡିଂ ଦୋକାନଗୁଡ଼ିକର ସ୍ଥାନାନ୍ତରଣ ଆଦି ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଦେବା ସହ ଏଥିପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି । ମାନ୍ୟବର ରାଷ୍ଟ୍ରପତିଙ୍କ ସହ ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମ୍ଭାବ୍ୟ ଗସ୍ତକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ନେଇ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା ଶ୍ରବଣା ବିବେକ ଏମ୍. ଏବଂ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିଶି ସୂଚନା ଦେଇଥିଲେ । ଖୁବ୍ ଶୀଘ୍ର ଟ୍ରାଫିକ୍ ଆଡଭାଇଜରୀ ଜାରି କରାଯିବ ବୋଲି ମଧ ସେମାନେ କହିଥିଲେ । ଜିଲ୍ଲାପାଳ ବିଭିନ୍ନ ବିଭାଗକୁ ନ୍ୟସ୍ତ ଦାୟିତ୍ୱଗୁଡ଼ିକୁ ଯୁଦ୍ଧକାଳୀନ ଭିତିରେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମାନ୍ୟବର ରାଷ୍ଟ୍ରପତି ୪ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ୧୦ ମିନିଟ ସମୟରେ ବ୍ରହ୍ମପୁର ରେଳ ଷ୍ଟେସନରେ ପହଂଚିବେ । ସେଠାରୁ ତପ୍ତପାଣି ଅଭିମୁଖେ ଯାତ୍ରା କରି ଅପରାହ୍ନ ପ୍ରାୟ ୩ଟା ୧୦ ମିନିଟ ସମୟରେ ମା' କନ୍ଧୁଣୀ ଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ । ପୂଜାର୍ଚ୍ଚନା ପରେ ସେ ଆର୍ମି ଏଡି କଲେଜରେ ରାତ୍ରିଯାପନ କରିବେ । ପରଦିନ ପୂର୍ବାହ୍ନ ପ୍ରାୟ ୧୦ଟା ୨୦ ମିନିଟ ସମୟରେ ଟ୍ରେନ୍ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତନ କରିବେ । ବୈଠକରେ ରେଳ ଷ୍ଟେସନର ପରିବେଶ ଓ ପରିମଳ ବ୍ୟବସ୍ଥା, ପାରମ୍ପରିକ ଲୋକନୃତ୍ୟ ପରିବେଷଣ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା, ସୁରକ୍ଷା ବ୍ୟବସ୍ଥା, ବ୍ୟାରିକେଡିଂ, ଅସ୍ଥାୟୀ ଓ ସ୍ଥାୟୀ ଶୌଚାଳୟର ସୁବନ୍ଦୋବସ୍ତ, ବ୍ୟାଗେଜ୍ ସ୍ଥାନାନ୍ତରଣ, ଅଫିସିଆଲ ପାସ୍, ଆମ୍ବୁଲାନ୍ସ, ପାର୍କିଂ, ଅଗ୍ନି ନିରାପତା, ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ, ନେଟ୍ୱର୍କ ସଂଯୋଗ ସୁନିଶ୍ଚିତ କରିବା ଏବଂ ସାମୟିକ ରୋଡ୍ ବ୍ରେକର ଅପସାରଣ ସମେତ ସମସ୍ତ ପ୍ରସଙ୍ଗରେ ସବିଶେଷ ଆଲୋଚନା ହୋଇଥିଲା । କାର୍କେଡ୍ ବ୍ୟବସ୍ଥା, ମାନ୍ୟବର ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କାର୍କେଡ୍, ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଏବଂ ପାସ୍ ପ୍ରଦାନକୁ ସୀମିତ ରଖିବା ସମ୍ପର୍କରେ ମଧ ନିଷ୍ପତି ଗ୍ରହଣ କରାଯାଇଥିଲା । ବୈଠକ ପରେ ଜିଲ୍ଲାପାଳଙ୍କ ସହ ଗଞ୍ଜାମ ଓ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଏବଂ ଅନ୍ୟାନ୍ୟ ଅଧିକାରୀ ବ୍ରହ୍ମପୁର ରେଳ ଷ୍ଟେସନ, ତପ୍ତପାଣି ଓ ଧବଳେଶ୍ୱର ମନ୍ଦିର ପରିଦର୍ଶନ କରି ପ୍ରସ୍ତୁତିର ସମୀକ୍ଷା କରିଥିଲେ । ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ପୁନର୍ବାର ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ଆକବରମ ଏସ ରେଡ୍ଡି, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁଳଦିଆ ପଡ଼ାରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ଝାରସୁଗୁଡ଼ା(ନି.ପ୍ର.): ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ପଂଚପଡ଼ା ରାଜସ୍ୱ ଗ୍ରାମର ଶୁଳଦିଆ ପଡ଼ାରେ ତୃତୀୟ ଲିଙ୍ଗୀ ସମ୍ପ୍ରଦାୟଙ୍କ ପାଇଁ ପୂର୍ବରୁ ପ୍ରାୟ ୫୦ ଡିସିମିଲ ସରକାରୀ ଜମି ଚିହ୍ନଟ କରାଯାଇଥିଲା । ଏହାର ପାର୍ଶ୍ୱବର୍ତୀ ଖାଲି ସରକାରୀ ଜମିକୁ କିଛି ବାହାର ଅଂଚଳର ବ୍ୟକ୍ତି ବେଆଇନ ଭାବେ ଜବରଦଖଲ କରୁଥିବା ନେଇ ଗତ ୨୭.୦୭.୨୦୨୪ରେ ଗଣମାଧ୍ୟମରେ ସମ୍ବାଦ ପ୍ରକାଶ ପାଇଥିଲା ।ଉକ୍ତ ସମ୍ବାଦକୁ ଗୁରୁତ୍ୱର ସହ ନେଇ ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣକ୍ଷଲ ମୋତିରାମ ଚହ୍ୱାଣ ସମ୍ପୃକ୍ତ ତହସିଲଦାର ସଦାକର କୁମ୍ଭାରଙ୍କୁ ଘଟଣାର ତୁରନ୍ତ ଯାଂଚ କରି ଜବରଦଖଲ ଉଚ୍ଛେଦ ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଶ୍ରୀ କୁମ୍ଭାରଙ୍କ ନେତୃତ୍ୱରେ ଆର୍.ଆଇ. ଏକତାଲି ଫାଲଗୁନୀ ନାମଦେବ, ରେଭେନ୍ୟୁ ସୁପରଭାଇଜର ଶ୍ରୀମତୀ ରୀତାରାଣୀ ନାୟକ, ରାଜସ୍ୱ ବିଭାଗ ଏବଂ ପୋଲିସ ପ୍ରଶାସନର ମିଳିତ ଟିମ୍ ପଂଚପଡ଼ା ରାଜସ୍ୱ ଗ୍ରାମର ଶୁଳ ଦିଆ ପଡ଼ାରେ ଅତର୍କିତ ଚଢ଼ାଉ କରିଥିଲେ ।ଚଢ଼ାଉ ସମୟରେ ଜଣାପଡ଼ିଥିଲା ଯେ ବାହାର ଅଂଚଳରୁ ଆସିଥିବା ଅନେକ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରିଛନ୍ତି । କେତେକ ବ୍ୟକ୍ତି ସେଠାରେ ବସବାସ କରୁଥିବା ବେଳେ ଅନ୍ୟ କେତେକ ବ୍ୟକ୍ତି ଘର ନିର୍ମାଣ ଆରମ୍ଭ କରିଥିଲେ, କିନ୍ତୁ ସେଠାରେ ରହୁନାହାନ୍ତି । ଅଭିଯାନ ସମୟରେ ନିର୍ମାଣାଧୀନ ଘରଗୁଡ଼ିକୁ ତୁରନ୍ତ ଉଚ୍ଛେଦ କରାଯାଇଥିଲା ।ସେହିପରି, ସରକାରୀ ଜମିରେ ବସବାସ କରୁଥିବା ଜବରଦଖଲକାରୀଙ୍କ ବିରୋଧରେ ଏନକ୍ରୋଚମେ[ ମାମଲା ରୁଜୁ କରାଯାଇଛି । ଆଇନଗତ ପ୍ରକ୍ରିୟା ସମ୍ପନ୍ନ ହେବା ପରେ ସେମାନଙ୍କୁ ମଧ ଉଚ୍ଛେଦ କରାଯିବ । ଏଥିସହ ସରକାରୀ ଜମିର ଚିହ୍ନଟ, ସୀମା ନିର୍ଦ୍ଧାରଣ, ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ରାଜସ୍ୱ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛନ୍ତି ଯେ ସରକାରୀ ଜମି ଉପରେ କୌଣସି ପ୍ରକାରର ବେଆଇନ ଜବରଦଖଲକୁ ବରଦାସ୍ତ କରାଯିବ ନାହିଁ । ଏଭଳି ଅଭିଯୋଗ ମିଳିଲେ ତୁରନ୍ତ ଯାଂଚ କରାଯାଇ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରକାରୀ ଜମିକୁ ଜବରଦଖଲମୁକ୍ତ ରଖିବା ଏବଂ ଏହାର ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଗାମୀ ଦିନରେ ମଧ ନିୟମିତ ତଦାରଖ ଓ କଡ଼ା ପଦକ୍ଷେପ ଜାରି ରହିବ ବୋଲି ପ୍ରଶାସନ ପକ୍ଷ ରୁ ଜଣାଇଦିଆ ଯାଇଛି ।

# 'ସମ୍ବଲପୁରୀ ଦିନ୍' ସମାରୋହରେ ଜାତୀୟ ସ୍ତରର ଦିବ୍ୟାଙ୍ଗ କ୍ରିକେଟରଙ୍କୁ ମୋଟରଚାଳିତ ସ୍ପୋର୍ଟସ ହୁଇଲ ଚେୟାର ବଂଟନ

ଝାରସୁଗୁଡ଼ା,(ନି.ପ୍ର.)ଏମ.ସି.ଏଲ ଅଡିଟୋରିୟମ ପରିସରରେ 'ସମ୍ବଲପୁରୀ ଦିନ୍' ପାଳିତ ହୋଇଯାଇଛି । ଏହି ସଂସ୍କୃତି ଓ ସ୍ୱାଭିମାନର ମହାପର୍ବ ଅବସରରେ ଜିଲ୍ଲାର ପ୍ରତିଭାବାନ ଦିବ୍ୟାଙ୍ଗ କ୍ରିକେଟରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୩ ଜଣ ଜାତୀୟ ସ୍ତରର ଦିବ୍ୟାଙ୍ଗ କ୍ରିକେଟ ଖେଳାଳିଙ୍କୁ ମୋଟରଚାଳିତ ସ୍ପୋର୍ଟସ ହୁଇଲ ଚେୟାର ବ[ନ କରାଯାଇଛି ।ଏହି ସମାରୋହରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗ



ଖେଳାଳିମାନଙ୍କୁ ଏହି ଆଧୁନିକ ସ୍ପୋର୍ଟସ ହୁଇଲ ଚେୟାର ପ୍ରଦାନ କରିଥିଲେ । ଏହି ଅବସରରେ ଜାତୀୟ ସ୍ତରୀୟ ଦିବ୍ୟାଙ୍ଗ କ୍ରିକେଟର ମୁନା ଧୁରୁଆ, ଶଙ୍କର ବୁଦୁଲା ଏବଂ ରୁଦ୍ରଦେବ ସାଙ୍କୁ ଏହି ମୋଟରଚାଳିତ ସ୍ପୋର୍ଟସ ହୁଇଲ ଚେୟାର ହସ୍ତାନ୍ତର କରାଯାଇଥିଲା । ନିଜର ଆବେଗ ଓ କ୍ରୀଡ଼ା ପ୍ରତି ଥିବା ସମର୍ପଣ ଯୋଗୁଁ ଏହି ତିନି ଜଣ ଖେଳାଳି ସମାଜ ପାଇଁ ଉଦାହରଣ ସାଜିଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସୁନୀଲ କୁମାର ନାଏକ ଏବଂ ବିଭାଗୀୟ କର୍ମଚାରୀବୃନ୍ଦ ଉପସ୍ଥିତ ରହି ସମଗ୍ର ପରିଚାଳନାରେ ସହଯୋଗ କରିଥିଲେ ।

# ତାମିଲନାଡୁରୁ ମୃତ ଶ୍ରମିକଙ୍କ ମୃତଦେହ ଆଣିବାକୁ ଜିଲ୍ଲାପାଳଙ୍କୁ ନିବେଦନ

ବାରିପଦା(ନି.ପ୍ର.) ତାମିଲନାଡୁରେ ଶ୍ରମିକ କାମ କରୁଥିବା ଜଣେ ଓଡ଼ିଆ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ମୃତକଙ୍କ ପରିବାର ମୃତଦେହ ଆଣିବାରେ ଅସମର୍ଥ ହୋଇଥିବାରୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ମୃତକ ପରିବାର ପାଇଁ ୧୫ନଂ ୱାର୍ଡ କାଉସିଲର ନିରୂପମା ମହାନ୍ତି ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କୁ ଜଣାଇବା ପରେ ଶ୍ରୀ ମହାନ୍ତି, ମୃତକଙ୍କ ପରିବାରଲୋକଙ୍କ ସହିତ ଜିଲ୍ଲାପାଳଙ୍କୁ ଭେଟି ସାହାଯ୍ୟ ମାଗିଛନ୍ତି । ଜିଲ୍ଲାପାଳ ହେମକାନ୍ତ ସଏ ମୃତଦେହ ଆଣିବାର ପ୍ରତିଶୃତି ଦେଇଛନ୍ତି ।ପ୍ରକାଶ ଯେ, ୧୫ନଂ ୱାର୍ଡ ବିଜୟରାମଚନ୍ଦ୍ରପୁର ବାସିନ୍ଦା ଉମାକାନ୍ତ ଗୋଛାୟତ ଜୁଲାଇ ୨୮ ତାରିଖରେ ଶ୍ରମିକ କାମ ପାଇଁ ତାମିଲନାଡୁ ଯାଇଥିଲେ । ଗୁରୁବାର ରାତି ପ୍ରାୟ ୧୧.୫୦ଟା ସମୟରେ ତାମିଲନାଡୁର ଜଣେ ବ୍ୟକ୍ତି ତାଙ୍କ ପରିବାରକୁ ଫୋନ୍ କରି ଜଣାଇଥିଲେ ଯେ ଉମାକାନ୍ତ ଦୁର୍ଘଟଣାର ଶିକାର ହୋଇଛନ୍ତି ଏବଂ ଚେନ୍ନାଇର ରାଜୀବ ଗାନ୍ଧୀ ସରକାରୀ ସାଧାରଣ ହସ୍ପିଟାଲରେ ଭର୍ତି ହୋଇଛନ୍ତି । କିନ୍ତୁ ଚିକିତ୍ସା ସତ୍ତ୍ୱେ ଉମାକାନ୍ତଙ୍କ ମୃତ୍ୟୁ ଘଟିଛି । ସେ ବିପିଏଲ ପରିବାରର ସଦସ୍ୟ ଥିଲେ । ଆର୍ଥିକ ଅଭାବ ଯୋଗୁଁ ତାଙ୍କ ପରିବାର ତାମିଲନାଡୁରୁ ମୃତଦେହ ଆଣିବାକୁ ସମର୍ଥ ନୁହଁନ୍ତି । ମୃତକଙ୍କ ବୃଦ୍ଧା ମା' ବିଧବା ପତ୍ନୀ ଓ ୨ପୁଅଝିଅ ଅଛନ୍ତି । ଏହି ଘଟଣାକୁ ନେଇ କାଉନସିଲର ନିରୂପମା ମହାନ୍ତିଙ୍କ ଅନୁରୋଧ କ୍ରମେ ନଗରପାଳ ଉପରୋକ୍ତ ବ୍ୟବସ୍ଥା ପାଇଁ ସହଯୋଗ କରିଛନ୍ତି । ଜିଲ୍ଲାପାଳଙ୍କୁ ସାକ୍ଷାତ ସମୟରେ ଯୁବନେତା ସରୋଜ ମହାପାତ୍ର ନଗରପାଳଙ୍କ ସହିତ ଉପସ୍ଥିତ ଥିଲେ । ଉଭୟେ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# କବିତା ସଂକଳନ 'ନିରବ ନିର୍ବାଣ' ଲୋକାର୍ପିତ



ନୂଆପଡ଼ା,(ନି.ପ୍ର):ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଭାଗୃହ ପରିସରରେ ଶିକ୍ଷା ବିଭାଗ ଅଧାପିକା ଗୀତାଶ୍ରୀ ପ୍ରିୟମ୍ବଦାଙ୍କ କବିତା ସଂକଳନ 'ନିରବ ନିର୍ବାଣ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନୂଆପଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ରଇତ, ନୂଆପଡ଼ା ନେସନାଲ କଲେଜରୁ ଅବସର ପ୍ରାପ୍ତ ଅଧକ୍ଷ ମେଜର ଡ. ରାମଚନ୍ଦ୍ର ମିଶ୍ର ଓ ଯୁକ୍ତ ଦୁଇ ଅଧକ୍ଷ ଡ. ରଣବୀର ସିଂ, ଅଧାପିକା ସଲମାନ ମେହୁରୁନ ଖାନ ମଂଚାସୀନ ରହି ପୁସ୍ତକଟିର ଶୁଭ ଉନ୍ମୋଚନ କରିଥିଲେ ।ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ଶ୍ରୀ ପାଣିଗ୍ରାହୀ କହିଥିଲେ, କବିତା ସମାଜର ଦର୍ପଣ । ଅଧାପିକା ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ଭଳି ଶିକ୍ଷିତା ମାନେ ସାହିତ୍ୟ ସାଧନା କଲେ ଛାତ୍ରଛାତ୍ରୀମାନେ ଅଧିକ ପ୍ରେରଣା ପାଇପାରିବେ । ସେ ଲେଖିକାଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଆହୁରି ଉନ୍ନତ ସାହିତ୍ୟ ସୃଷ୍ଟି କରିବାକୁ ଶୁଭେଚ୍ଛା ଜଣାଇଥିଲେ ।ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଇତ କହିଥିଲେ, ପୁସ୍ତକର ନାମ 'ନିରବ ନିର୍ବାଣ' ସମାଜର ଗଭୀର ଅର୍ଥ ବହନ କରୁଛି । ମେଜର ଡ. ମିଶ୍ର ଓ ଡ. ସିଂ ମଧ ଲେଖିକାଙ୍କ ସାହିତ୍ୟିକ ପ୍ରୟାସକୁ ପ୍ରଶଂସା କରିଥିଲେ ।କାର୍ଯ୍ୟକ୍ରମର ମଂଚ ପରିଚାଳନା ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ସୁନିଲ କୁମାର ପାଢ଼ୀ କରିଥିଲେ । ମହାବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ସାହିତ୍ୟପ୍ରେମୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଉନ୍ମୋଚନ କାର୍ଯ୍ୟକ୍ରମରେ ବରିଷ୍ଠ କ୍ରୀଡ଼ା ଅଧାପକ ଡ. ସରୋଜ କୁମାର ପଣ୍ଡା, ଅଧାପିକା ରାଜଲକ୍ଷ୍ମୀ ରଥ, ଅଧାପିକା ସାଗରିକା ପଣ୍ଡା, ଅଧାପିକା ପ୍ରଣତୀ ପଣ୍ଡା , ଅଧାପିକା ବିୟୁଟି ଅଗ୍ରୱାଲ, ଡ. ରାଜକୁମାର ରତେ, ଅଧାପକ ରମାକାନ୍ତ ସିଂ ସାହାଣୀ ସମେତ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବହୁ ସଂଖ୍ୟାରେ ଅଧାପକ ଅଧାପିକା ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧାପିକା ସଲମାନ ମେହୁରୁନ ଖାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାମନଗରରେ ମହାବନ୍ୟାର ବିପନ୍ନଙ୍କ ନିକଟରେ ପହଂଚିଲା ଗ୍ରାମ୍ୟ ଜଳଯୋଗାଣ ବିଭାଗ

ଧାମନଗର,(ନି.ପ୍ର.)ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ମହାବନ୍ୟା ଯୋଗୁଁ ବ୍ୟାପକ କ୍ଷତି ହୋଇଥିବାବେଳେ ସବୁଆଡେ ପାଣି ଆଉ ପାଣି ଖେଳିଯାଇଛି । ବନ୍ୟାର ଭୟାବହ ସ୍ଥିତି ଏବଂ ପାଣି ଘେରରେ ବହୁ ଅଂଚଳ ଜଳବନ୍ଦୀ ହୋଇ ରହିଥିବା ଦେଖିବାକୁ ମିଳିଛି । ତେବେ ବନ୍ୟାର ବନ୍ୟାବିପନ୍ନ ଙ୍କ ନିକଟରେ ପହଂଚିଛି ଧାମନଗର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ତତ୍ପରତା ଦେଖିବାକୁ ମିଳିଛି । ବିଭିନ୍ନ ପଂଚାୟତରେ ବିପନ୍ନଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ।ସବୁଠାରୁ ବଡ଼ କଥା ହେଲା, ଅଧିକ ପିଇବା ପାଣି ଆବଶ୍ୟକ ପଡୁଥିବାରୁ ବିଭିନ୍ନ ପ୍ରଭାବିତ ଗ୍ରାମଗୁଡ଼ିକରେ ମେସିନ (ମୋବାଇଲ ୱାଟର ଟ୍ରିଟମେ[ ପ୍ଲା[) ଲଗାଇ ପାଣି ଯୋଗାଇ ଦିଆଯାଉଛି । ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ବ[ନ ପାଇଁ ବଟଲ ପାଣି ମଧ ଯୋଗାଇ ଦିଆଯାଉଛି । ଗ୍ରାମ୍ୟ ଜଳଯୋଗାଣ ଜିଲ୍ଲା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜୀ. ଦେବବ୍ରତ ପ୍ରଧାନଙ୍କ ସିଧାସଳଖ ଉପସ୍ଥିତି ଏବଂ ମାର୍ଗଦର୍ଶନରେ ବିଭିନ୍ନ ଗ୍ରାମକୁ ଏହି ଜଳ





ଯୋଗାଣ ବ୍ୟବସ୍ଥା କରାଯାଇଛି । ବନ୍ୟା ପାଣି ଛାଡିବା ପରେ ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ବିଭିନ୍ନ ଗ୍ରାମର ନଳକୂପ ଗୁଡ଼ିକୁ ମଧ ବିଶୋଧନ କରାଯାଉଛି, ଯାହାଦ୍ୱାରା ଲୋକମାନେ ବିଶୁଦ୍ଧ ଜଳ ପାଇପାରିବେ ଏବଂ ଜଳଜନିତ ରୋଗରୁ ସୁରକ୍ଷିତ ରହିବେ । ପ୍ରଶାସନର ଏଭଳି ତତ୍ପରତା ଓ ସମୟୋଚିତ ପଦକ୍ଷେପ ଯୋଗୁଁ ବନ୍ୟାବିପନ୍ନ ଅଂଚଳରେ ପାନୀୟ ଜଳ ସମସ୍ୟା କିଛି ମାତ୍ରାରେ ଦୂର ହୋଇପାରିଛି ଏବଂ ସାଧାରଣରେ ପ୍ରଶାସନର ଏହି କାର୍ଯ୍ୟକୁ ପ୍ରଶଂସା କରାଯାଇଛି ।

# ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଅଧକ୍ଷ ଦେବରାଜ ସ୍ୱାଇଁଙ୍କୁ ମେଲାଣି ସମ୍ବର୍ଦ୍ଧନା

ବ୍ରହ୍ମପୁର : ଷଷ୍ଠିପୂର୍ତି ସେବାନିବୃତି ପରିପ୍ରେକ୍ଷୀରେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର୍ ଦେବରାଜ ସ୍ୱାଇଁଙ୍କୁ ଅଧାପକ, ଅଧାପିକା ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ତରଫରୁ ଉଚ୍ଛ୍ୱସିତ ମେଲାଣି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶୁକ୍ରବାର ପୂର୍ବାହ୍ଣରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ସ୍ନାତକୋତର ଇଂରାଜୀ ବିଭାଗ ମୁଖ୍ୟ ଡ. ଆନନ୍ଦ ସେଠୀ ପୌରୋହିତ୍ୟ କରିଥିଲେ । ଆମନ୍ତ୍ରିତ ଅତିଥି ରୂପେ ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ ପରିଦର୍ଶୀ ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା ଯୋଗଦେଇ ସହାଧାୟୀ ବନ୍ଧୁ ତଥା ବିଦାୟୀ ଅଧକ୍ଷ ଡ. ସ୍ୱାଇଁଙ୍କ ଛାତ୍ରାବସ୍ଥାରୁ ଅଧାପକ ଓ ଅଧାପକରୁ ଅଧକ୍ଷ ପଦ ଅଳଙ୍କରଣ ପର୍ଯ୍ୟନ୍ତ ତାଙ୍କର ସାଧନାନିଷ୍ଠ



ଶୈକ୍ଷିକ ଜୀବନ ସଂପର୍କରେ ଆଲୋକପାତ କରିବା ସହ ତାଙ୍କୁ ଜଣେ ସଦାସ୍ମିତ, ପରିହାସପ୍ରିୟ, ଖୋଲା ହୃଦୟର ମଣିଷ ଓ ଇତିହାସର ଛାତ୍ରବତ୍ସଳ ଗୁଣୀ ଅଧାପକ ରୂପେ ଅଭିହିତ କରିଥିଲେ । ସ୍ଥାନୀୟ ଶଶିଭୂଷଣ ରଥ ସରକାରୀ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ତେଲୁଗୁ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର୍ ଡ. କେ. ନାରାୟଣ ରାଓ ଅନ୍ୟତମ ଅତିଥି ରୂପେ ବିଦାୟୀ ଅଧକ୍ଷ ଡ. ସ୍ୱାଇଁଙ୍କ ଜୀବନାଦର୍ଶ ଓ ମହନୀୟ ଗୁଣାବଳୀ ସଂପର୍କରେ କହିଥିଲେ । ଆରମ୍ଭରେ ଉତ୍ସବର ସଭାପତି ଡ. ଆନନ୍ଦ ସେଠୀ ପ୍ରାକ୍-ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାଶାସନିକ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ସ୍ନାତକୋତର ବାଣିଜ୍ୟ ବିଭାଗ ମୁଖ୍ୟ କମଳାକାନ୍ତ ନାୟକ ଓ ହିନ୍ଦୀ ବିଭାଗ ମୁଖ୍ୟ ଗଙ୍ଗାଧର ବେହେରା ପ୍ରମୁଖ ମଂଚମଣ୍ଡନ କରିବା ସହ ଇତିହାସ ବିଭାଗର ଜଣେ କୃତବିଦ୍ୟ ଅଧାପକ ଓ ବିଦ୍ୱାନ୍ ବିଶାରଦ ରୂପେ ଡ. ସ୍ୱାଇଁଙ୍କୁ ବର୍ଣ୍ଣନା କରିବା ସହ କଥା ଓ ଲେଖାରେ ଅଭିଜାତ ବିଦଗ୍ଧ ଇଂରାଜୀ ଭାଷା ପ୍ରୟୋଗରେ ପାରଦର୍ଶିତା ବିଷୟ ଉଲ୍ଲେଖ କରିଥିଲେ । ଏହି ଅବସରରେ ଅଧକ୍ଷ ଡ. ସ୍ୱାଇଁଙ୍କୁ ଅଙ୍ଗବସ୍ତ୍ର, ଉପହାର, ଚାରାଗଛ ଓ ପ୍ରଶସ୍ତିପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଡ. ମଧୁସ୍ମିତା ଦାସ, ଓଡ଼ିଆ ବିଭାଗ ମୁଖ୍ୟ ଡ. ରବୀନ୍ଦ୍ର କୁମାର ପଣ୍ଡା, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ରୋଶନୀ ସାହୁ, ରସାୟନବିଜ୍ଞାନ ବିଭାଗ ମୁଖ୍ୟ ଡ. ବନଲତା ସାହୁ, ଅର୍ଥନୀତି ବିଭାଗ ମୁଖ୍ୟ ଡ. ଶିବାନୀ ମିଶ୍ର, ଉଦ୍ଭିଦବିଜ୍ଞାନ ବିଭାଗ ମୁଖ୍ୟ ଡ. ମାଲା ମିଲିୟନ୍, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ଚିତରଞ୍ଜନ ମହାନ୍ତି, ବାଣିଜ୍ୟ ବିଭାଗ ସହକାରୀ ପ୍ରଫେସର୍ ଶଙ୍କର ପ୍ରସାଦ ମହାପାତ୍ର, ଗଣିତ ବିଭାଗ ସହକାରୀ ପ୍ରଫେସର୍ ଡ. ସୁଧାନନ୍ଦ ମହାରଣା, ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡ. ସୁଶାନ୍ତ କୁମାର ପରିଡ଼ା, ଡ. ଶୁଭଶ୍ରୀ ଅପରାଜିତା, ଡ. ସୁଶାନ୍ତ କୁମାର ବୀରୋ, କାର୍ଯ୍ୟାଳୟ ମୁଖ୍ୟ ବାଲ୍ମୀକି ସାହୁ, ଡ. ମଧୁମିତା ନାୟକ, ଡ. ଅଚ୍ୟୁତ ବିଶ୍ୱାଳ, ଡ. ଅଶ୍ୱିନ କୁମାର ରାଉତ, ଅଧାପିକା ସ୍ନେହାସିନୀ ପ୍ରଧାନ, ଡ. ବନଜ କୁମାର ନାୟକ, ଅତିଥି ଅଧାପକ ଟି. ସୀମାଂଚଳ ପାତ୍ର, ଅତିଥି ଅଧାପକ ଟି. ଗଣେଶ ପ୍ରମୁଖ ବ୍ୟକ୍ତିତ୍ୱର ନାନା ଦିଗ ସଂପର୍କରେ କହିବା ସହ ଡ. ସ୍ୱାଇଁଙ୍କ ଦୀର୍ଘ ନିରାମୟ, ନୀରୋଗ, ସୁଖଶାନ୍ତିପ୍ରଦ ଉତର ଜୀବନ କାମନା କରିଥିଲେ । ହିନ୍ଦୀ ବିଭାଗ ମୁଖ୍ୟ ଗଙ୍ଗାଧର ମେହେର ସଂଗୀତ ଗାନ ପୂର୍ବକ ସମ୍ବର୍ଦ୍ଧନା ଜଣାଇବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆସନ୍ତାକାଲି ଦିଲ୍ଲୀରେ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ନୂଆଦିଲ୍ଲୀର ଲାଜପତ ଭବନରେ ରାଷ୍ଟ୍ର ନିର୍ମାତା, ମହାନ ସାମାଜିକ କର୍ମୀ, ଶିକ୍ଷାବିତ୍ ଏବଂ ସ୍ୱାଧୀନତା ସଂଗ୍ରାମୀ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବେ । ଲୋକସେବକ ମଣ୍ଡଳ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ସକାଳ ୧୧ଟା ୧୫ ମିନିଟରେ ଅନୁଷ୍ଠିତ ହେବ । ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ମୁର୍ମୁ ନୂଆଦିଲ୍ଲୀରେ ସ୍ଥାପିତ ଗୋପବନ୍ଧୁ ଦାସଙ୍କ ପ୍ରଥମ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଅନେକ ମନ୍ତ୍ରୀ, ସାଂସଦ, ବିଭିନ୍ନ ରାଜ୍ୟର ଜନ ପ୍ରତିନିଧି, ଶିକ୍ଷାବିତ୍, ସାମାଜିକ କର୍ମୀ, ପ୍ରବୁଦ୍ଧ ନାଗରିକ ଏବଂ ପଦାଧିକାରୀ ତଥା ଲୋକସେବା ଆୟୋଗର ସଦସ୍ୟମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହିବେ । ଲୋକସେବକ ମଣ୍ଡଳର ଜାତୀୟ ସଭାପତି ରାଜକୁମାର ଚୋପ୍ରା କହିଛନ୍ତି ଯେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଗୋପବନ୍ଧୁ ଦାସଙ୍କ ସେବା, ଶିକ୍ଷା, ସାମାଜିକ ସମର୍ପଣ ଏବଂ ଜନକଲ୍ୟାଣର ଆଦର୍ଶକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ଏବଂ ତାଙ୍କ ଜୀବନ ଏବଂ କାର୍ଯ୍ୟ ଦ୍ୱାରା ନୂତନ ପିଢ଼ିକୁ ପ୍ରେରଣା ଦେବା । ସେ କହିଥିଲେ ଯେ ଗୋପବନ୍ଧୁ ଦାସଙ୍କ ଅବଦାନକୁ ସ୍ମରଣ କରିବା ଏବଂ ତାଙ୍କ ବିଚାରକୁ ସମାଜର ବ୍ୟାପକ ବର୍ଗଙ୍କ ନିକଟରେ ପହଂଚାଇବା ଦିଗରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ।

# ୬ ଟି ବିଭାଗର ୧୧ ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର



ଭୁବନେଶ୍ୱର : ରାଜ୍ୟ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ)ର ୪୫ତମ ବୈଠକ ଶନିବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୬ ଟି ବିଭାଗର ୧୧ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି । ଅର୍ଥ ବିଭାଗର ୧ଟି, ଆଇନ ବିଭାଗର ୧ଟି, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ୧ଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୧ଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨ ଟି ଏବଂ ଜଳସମ୍ପଦ ବିଭାଗର ସର୍ବାଧିକ ୫ ଟି, ଏହିପରି ମୋଟ ୬ଟି ବିଭାଗର ୧୧ଟି ପ୍ରସ୍ତାବ ରାଜ୍ୟ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି । ବୈଠକ ପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କ୍ୟାବିନେଟ ବୈଠକର ନିଷ୍ପତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

# ଅଗଷ୍ଟ ୩ ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ




ଭୁବନେଶ୍ୱର : ଅଗଷ୍ଟ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ପରବର୍ତ୍ତୀ ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।



# ନିଶା ମୁକ୍ତ ଯୁବ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨ ଅଗଷ୍ଟ ୨୦୨୬ ସକାଳ



୧୧ଟାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ 'ବିକଶିତ ଭାରତ ସଂକଳ୍ପ ଅଭିଯାନ ପାଇଁ ନିଶାମୁକ୍ତ ଯୁବ' କାର୍ଯ୍ୟକ୍ରମ ଆରମ୍ଭ କରିବେ । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟର ଅପବ୍ୟବହାର ଠାରୁ ଦୂରେଇ ରହିବାକୁ ଏବଂ ସେମାନଙ୍କୁ ସକାରାତ୍ମକ ସାମାଜିକ ପରିବର୍ତ୍ତନର ଦୂତ ହେବାକୁ ଉତ୍ସାହିତ କରିବା । ଏହି ଶୁଭାରମ୍ଭ ସହିତ ନିଶାଦ୍ରବ୍ୟର ଅପବ୍ୟବହାର ବିରୁଦ୍ଧରେ ୧୦୦ ସପ୍ତାହ ଧରି ଦେଶବ୍ୟାପୀ ଜନ ଭାଗୀଦାରୀ ଅଭିଯାନର ଆରମ୍ଭ ହେବ । ଏହି ଅଭିଯାନ ଅଧୀନରେ, ପ୍ରତି ରବିବାର ସାରା ଦେଶରେ ସଚେତନତା ବୃଦ୍ଧି କରିବା ଏବଂ ନିଶାମୁକ୍ତ ସମାଜ ଗଠନରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ସାପ୍ତାହିକ କାର୍ଯ୍ୟକଳାପ ଆୟୋଜନ କରାଯିବ । ଏହି କାର୍ଯ୍ୟକଳାପଗୁଡ଼ିକରେ କ୍ରୀଡା ସମ୍ପର୍କିତ କାର୍ଯ୍ୟକ୍ରମ, ୱାକାଥନ୍, ଧ୍ୟାନ ଅଧିବେଶନ, ସାଂସ୍କୃତିକ କାର୍ଯ୍ୟକ୍ରମ, ସଚେତନତା ଅଭିଯାନ, ପଥପ୍ରାନ୍ତ ନାଟକ, ଆଲୋଚନା ଅଧିବେଶନ, କଳା ପ୍ରତିଯୋଗିତା ଏବଂ ସାମୁଦାୟିକ ସମ୍ପର୍କ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହେବ । ଏହି ପଦକ୍ଷେପ ଶିକ୍ଷାନୁଷ୍ଠାନ, ଯୁବ ସଂଗଠନ, ନାଗରିକ ସମାଜ ଗୋଷ୍ଠୀ, ଶିଳ୍ପ ସଂଗଠନ ଏବଂ ଆଧ୍ୟାତ୍ମିକ ସଂଗଠନଗୁଡ଼ିକୁ ଏକ ସାଧାରଣ ମଂଚରେ ଏକତ୍ର କରି ସାମୂହିକ ଅଂଶଗ୍ରହଣକୁ ଆହୁରି ସୁଦୃଢ଼ କରିବାକୁ ଚେଷ୍ଟା କରିବ । ଯାହା ଦ୍ୱାରା ନିଶାଦ୍ରବ୍ୟର ଅପବ୍ୟବହାର ବିରୁଦ୍ଧରେ ଏକ ସାମୂହିକ ଆନ୍ଦୋଳନ ସୃଷ୍ଟି ହୋଇପାରିବ । ଏହି କାର୍ଯ୍ୟକ୍ରମରେ ଦେଶବ୍ୟାପୀ ୧୦,୦୦୦ ରୁ ଅଧିକ ସ୍ଥାନରୁ ଯୁବପିଢ଼ି ଅଂଶଗ୍ରହଣ କରିବେ । ମାଇଁ ଭାରତ ସ୍ୱେଚ୍ଛାସେବକ, ମାଇଁ ଭାରତ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବକ, ଯୁବ କ୍ଲବ, ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, ଏନଜିଓ, ଶିଳ୍ପ ସଂଘର ଯୁବ ଶାଖା ଏବଂ ୧୨୫ ରୁ ଅଧିକ ସହଯୋଗୀ ଆଧ୍ୟାତ୍ମିକ ସଂଗଠନ ଆଭାଷୀ ଭାବରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।

# ନୂଆଦିଲ୍ଲୀରୁ ଫେରି ଗଣମାଧ୍ୟମକୁ ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେବା ସହିତ ଦିଲ୍ଲୀ ଗସ୍ତ ସମ୍ପର୍କରେ ମଧ୍ୟ ବିବୃତି ରଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶନିବାର



ଲୋକସେବା ଭବନରେ ଗଣମାଧ୍ୟମକୁ ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେବା ସହିତ ଦିଲ୍ଲୀ ଗସ୍ତ ସମ୍ପର୍କରେ ମଧ୍ୟ ବିବୃତି ରଖିଥିଲେ । ଗତ କାଲି ମୁଖ୍ୟମନ୍ତ୍ରୀ ତିନି ଦିନିଆ ଦିଲ୍ଲୀଗସ୍ତରୁ ଫେରିବା ପରେ ଆଜି କହିଛନ୍ତି ଯେ, ଦିଲ୍ଲୀରେ ମହାନଦୀ ଜଳବିବାଦ ସମ୍ପର୍କିତ ବୈଠକରେ ଯୋଗଦେବା ରାଜ୍ୟ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ସେ କହିଥିଲେ ଯେ, ୩୦ ତାରିଖ ଦିନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଶ୍ରୀ ସି.ଆର୍ ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଛତିଶଗଡ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେଓ ସାଇଙ୍କ ସହିତ ସେ ଯୋଗଦେଇଥିଲେ । ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ଆପୋଷ ସମାଧାନ ପାଇଁ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବୈଠକରେ ଓଡିଶାର ଜନସାଧାରଣଙ୍କ ସ୍ୱାର୍ଥ ଓ ଅଧିକାର, ଚାଷୀକୂଳର ହିତ ଏବଂ ପରିବେଶର ସୁରକ୍ଷାକୁ ଗୁରୁତ୍ୱ ଦେଇ ସମାଧନର ପନ୍ଥା ନିର୍ଦ୍ଧାରଣ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । କେନ୍ଦ୍ରୀୟ ଜଳ କମିଶନ ଅଧ୍ୟକ୍ଷଙ୍କ ଅଧିନରେ ଗଠିତ ଏକ ଟେକ୍‌ନିକାଲ୍ କମିଟି ଆସନ୍ତା ୩ ମାସ ମଧ୍ୟରେ ମହାନଦୀ ଟ୍ରିବ୍ୟୁନାଲକୁ ଏହାର ରିପୋର୍ଟ ପ୍ରଦାନ କରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହାଦ୍ୱାରା ମହାନଦୀ ଜଳ ସମସ୍ୟାର ସମାଧାନ ବାହାରିବ ଏବଂ ଆସନ୍ତା ଦୀପାବଳୀ ଆମ ପାଇଁ ଶୁଭଙ୍କର ହେବ । ଏହା ସହିତ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହା, ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ, ନୀତି ଆୟୋଗ ତଥା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ପ୍ରଫେସର କେ.ଭି. ରାଜୁ ପ୍ରମୁଖଙ୍କୁ ଭେଟି ରାଜ୍ୟର ବିଭିନ୍ନ ସ୍ୱାର୍ଥ ସମ୍ବଳିତ ବିଷୟ ଉପରେ ଆଲୋଚନା କରିଥିଲେ ।

# ବିଡିଏର ୧୫୨ତମ ବୈଠକରେ ଅଧ୍ୟକ୍ଷତା କଲେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର

ଭୁବନେଶ୍ୱର : ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୧୫୨ତମ କର୍ତ୍ତୃପକ୍ଷ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ବିଡିଏ (ବିଡିଏ) ଅଧ୍ୟକ୍ଷ ଡା. କୃଷ୍ଣ




ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସହରାଂଚଳ ଭିତିଭୂମି ପ୍ରକଳ୍ପକୁ ମଞ୍ଜୁରୀ ମିଳିବା ସହ ବିଡିଏର 'ଏକାମ୍ର ରେସିଡେନ୍ସି' ଆବାସିକ ପ୍ରକଳ୍ପର ଶୁଭାରମ୍ଭ ପାଇଁ ନିଷ୍ପତି ନିଆଯାଇଛି । ପ୍ରକଳ୍ପଟି ପାଇଁ ପୂର୍ବରୁ 'ଅକ୍ୟୁପାନ୍ସି ସାର୍ଟିଫିକେଟ୍' (ବସବାସ ଅନୁମତି ପତ୍ର) ମିଳିସାରିଛି ଏବଂ କର୍ତ୍ତୃପକ୍ଷ ଆପାର୍ଟମେଂଟଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ସମାଜର ବିଭିନ୍ନ ବର୍ଗର ଲୋକଙ୍କ ଆର୍ଥିକ ସ୍ଥିତି ଓ କ୍ରୟକ୍ଷମତାକୁ ଦୃଷ୍ଟିରେ ରଖି ଏହି ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି । ଏହି ପ୍ରକଳ୍ପ ରାଜଧାନୀର ଅନେକ ପରିବାର ପାଇଁ ନିଜସ୍ୱ ଘରର ସ୍ୱପ୍ନ ସାକାର କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି । ୭.୩୬ ଏକର ଜାଗାରେ ବିସ୍ତୃତ ଏହି ପ୍ରକଳ୍ପରେ ୩ଟି ଟାୱାର (ବି+ଜି+୧୨ ମହଲା)ରେ ୪୧୬ଟି ଦୁଇ ଶୟନକକ୍ଷ (୨ବିଏଚକେ)ଓ ୨୮୮ଟି (୩ବିଏଚକେ) ତିନି ଶୟନକକ୍ଷ ବିଶିଷ୍ଟ ଫ୍ଲାଟ ରହିଛି । ଏହାକୁ ବିଶ୍ୱସ୍ତରୀୟ ସୁବିଧା ସହିତ ଏକ ଆଧୁନିକ ଏବଂ ସ୍ଥାୟୀ ଜୀବନଯାପନ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି, ଯେଉଁଥିରେ ଆରସିସି ଫ୍ରେମ୍ଡ ଭୂମିକମ୍ପ-ପ୍ରତିରୋଧୀ ଗଠନ, କମ୍ୟୁନିଟି ହଲ, ସୁଇମିଂ ପୁଲ, ୱାକିଂ ଟ୍ରାକ, ବାଣିଜ୍ୟିକ ଅଂଚଳ, ଶିଶୁ ଖେଳପଡ଼ିଆ, ଫିଟନେସ ସେଂଟର, ସୁନ୍ଦର ଲ୍ୟାଣ୍ଡସ୍କେପ୍ ଖୋଲା ଜାଗା, ସ୍ୱେରେଜ୍ ଟ୍ରିଟମେଂଟ ପ୍ଲାଂଟ, ୱାଟର ରିଚାର୍ଜ ସିଷ୍ଟମ, ପାୱାର ବ୍ୟାକଅପ୍, ସିସିଟିଭି ନିରୀକ୍ଷଣ, ଅଗ୍ନି ନିରାପତା ସିଷ୍ଟମ ଏବଂ ଅନ୍ୟାନ୍ୟ ସହାୟକ ଭିତିଭୂମିର ବ୍ୟବସ୍ଥା ରହିଛି । ଏହା ବିଡିଏର ଉଚ୍ଚମାନର ସହର ଜୀବନଶୈଳୀ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଗୃହ ପ୍ରକଳ୍ପ ବ୍ୟତୀତ, କର୍ତ୍ତୃପକ୍ଷ ଅନେକ ଗୁରୁତ୍ୱପୂର୍ଣ୍ଣ ସହରାଂଚଳ ବିକାଶ ପ୍ରସ୍ତାବକୁ ଅନୁମୋଦନ କରିଛି । ଏଥିରେ ଏକାମ୍ର କାନନ ଜଙ୍କସନରୁ ହାତିଆସୁଣି ପର୍ଯ୍ୟନ୍ତ ବାମ ସମାନ୍ତରାଳ ରାସ୍ତା ସହିତ ଏକ ଛାଇଯୁକ୍ତ ସାଇକେଲ ଟ୍ରାକ୍ ଏବଂ ପାଦଚଲା ରାସ୍ତା ନିର୍ମାଣ ଅନ୍ତର୍ଭୁକ୍ତ ।

# ବନ୍ୟାରେ ୯ ଜିଲ୍ଲାର ୪ ଲକ୍ଷ ୮୮ ହଜାର ୮୬୮ ପଶୁ ପ୍ରଭାବିତ

# ୫୮ ଭେଟନାରୀ ରାପିଡ୍ ଟିମ୍ ମୁତୟନ : ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ

ଭୁବନେଶ୍ୱର : ବନ୍ୟାରେ ୯ ଜିଲ୍ଲାର ୪ ଲକ୍ଷ ୮୮ ହଜାର ୮୬୮ ପଶୁ ପ୍ରଭାବିତ ହୋଇଛନ୍ତି । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ପଶୁଙ୍କ ଚିକିତ୍ସା ପାଇଁ ବିଭାଗ ତରଫରୁ ୫୮ଟି ଭେଟନାରୀ ରାପିଡ୍ ଟିମ୍ ମୁତୟନ ହୋଇଛନ୍ତି । ୨୪୫ ସ୍ଥାନରେ ହେଲ୍ଥ କ୍ୟାମ୍ପ ହୋଇଛି । ୧୫ ହଜାର



ପଶୁଙ୍କୁ ଚିକିତ୍ସା ସହ ୨୬୩ ମେଟ୍ରିକ ଟନ ଖାଦ୍ୟ ଯୋଗାଇ ଦିଆଯାଇଛି । ୧୯୬୨ ହେଲ୍ପ ଲାଇନ୍ ନମ୍ବର ଜାରି ହୋଇଥିବା ବେଳେ ଏହା ୨୪ ଘଂଟା ଖୋଲା ରହିଛି । ବନ୍ୟାରେ ଗୃହପାଳିତ ପଶୁ ଫସିଥିଲେ ଟିମ୍ ଯାଇ ଉଦ୍ଧାର କରିବେ ବୋଲି ମନ୍ତ୍ରୀ କହିଛନ୍ତି । ଜୁଲାଇ ୩୧ ସୁଦ୍ଧା ପଶୁ ସମ୍ପଦ ଓ ପ୍ରାଣୀ ଚିକିତ୍ସା ବିଭାଗର ତଥ୍ୟ ଅନୁସାରେ ରାଜ୍ୟର ୯ଟି ଜିଲ୍ଲାର ୪୫ଟି ବ୍ଲକର ୩୯୮ଟି ଗ୍ରାମ ପଂଚାୟତ ଏବଂ ୧,୩୪୧ଟି ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇଛି । ବନ୍ୟାରେ ମୋଟ ୪ ଲକ୍ଷ ୮୮ ହଜାର ୮୬୮ଟି ପଶୁ ପ୍ରଭାବିତ ହୋଇଛନ୍ତି । ଏଥିରେ ୩ ଲକ୍ଷ ୧୧ ହଜାର ୫୧୨ଟି ବଡ଼ ପଶୁ ଏବଂ ୧ ଲକ୍ଷ ୭୭ ହଜାର ୩୫୬ଟି ଛୋଟ ପଶୁ ରହିଛନ୍ତି । ଏହାଛଡ଼ା ୨ ଲକ୍ଷ ୩୩ ହଜାର ୭୬୩ଟି କୁକୁଡ଼ା ମଧ୍ୟ ବନ୍ୟାର ପ୍ରଭାବରେ ଆସିଛନ୍ତି । ପଶୁମାନଙ୍କ ସୁରକ୍ଷା ପାଇଁ ୫୮ଟି ରାପିଡ୍ ରେସପନ୍ସ ଟିମ୍ ଗଠନ କରାଯାଇଛି । ୨୪୫ଟି ପଶୁ ଚିକିତ୍ସା ଶିବିର ମାଧ୍ୟମରେ ୧୫ ହଜାର ୧୭୯ଟି ପଶୁଙ୍କ ଚିକିତ୍ସା କରାଯାଇଛି । ବନ୍ୟା ପୂର୍ବରୁ ୬ ଲକ୍ଷ ୪୬ ହଜାର ୮୨୫ଟି ଏବଂ ବନ୍ୟା ପରେ ୧୧ ହଜାର ୮୦୦ଟି ଟିକା ପ୍ରଦାନ କରାଯାଇଛି । ପ୍ରଭାବିତ ଜିଲ୍ଲାଗୁଡ଼ିକୁ ୮୦୦ ମେଟ୍ରିକ୍ ଟନ୍ ଗୋ-ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ୭୩.୨ କ୍ୱିଂଟାଲ ସବୁଜ ଘାସ ଏବଂ ୧୩.୯ କ୍ୱିଂଟାଲ ଶୁଖିଲା ଘାସ/ନଡ଼ା ବଂଟନ କରାଯାଇଛି । ତେବେ ବନ୍ୟାରେ ୫ଟି ବଡ଼ ପଶୁ, ୧୨୦ଟି ଛୋଟ ପଶୁ ଓ ୮୦ ହଜାର ୯୦୦ଟି କୁକୁଡ଼ାର ମୃତ୍ୟୁ ଘଟିଥିବା ରିପୋର୍ଟରେ ଉଲ୍ଲେଖ ରହିଛି ।

# କିଟ୍‌ରେ ବନ୍ଧକ ଶ୍ରମ ଓ ମାନବ ଚାଲାଣ ନିରାକରଣ ଉପରେ ରାଜ୍ୟସ୍ତରୀୟ ପରାମର୍ଶ ବୈଠକରେ ଯୋଗଦେଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର : ଜାତିସଂଘର ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ ଏବଂ ବନ୍ଧକ ଶ୍ରମ ପ୍ରଥା ଅଧିନିୟମ, ୧୯୭୬ର ସ୍ୱର୍ଣ୍ଣ ଜୟନ୍ତୀ ଅବସରରେ କିଟ୍ ଡିମ୍ଡ ଟୁ ବି ୟୁନିଭର୍ସିଟିର କିଟ୍ ସ୍କୁଲ ଅଫ୍ ଲ'ର ମହିଳା ଓ ଲିଙ୍ଗ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଗୁରୁବାର 'ବନ୍ଧକ ଶ୍ରମ ଓ ମାନବ ଚାଲାଣ ନିରାକରଣ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ପରାମର୍ଶ ବୈଠକ ଆୟୋଜନ କରାଯାଇଥିଲା । ଇଂଟରନ୍ୟାସନାଲ ଜଷ୍ଟିସ ମିଶନ ଏବଂ ଶ୍ରମ ବାହିନୀର ସହଯୋଗରେ ଆୟୋଜିତ ଏହି ପରାମର୍ଶ ବୈଠକରେ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥିବୀରାଜ ହରିଚନ୍ଦନ, ନ୍ୟାୟପାଳିକାର ସଦସ୍ୟ, ବରିଷ୍ଠ ସରକାରୀ ଅଧିକାରୀ, ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାର ପ୍ରତିନିଧି, ଶିକ୍ଷାବିତ୍, ନାଗରିକ ସମାଜ ସଂଗଠନର ସଦସ୍ୟ, ମୁକ୍ତ ବନ୍ଧକ ଶ୍ରମିକ ନେତୃବୃନ୍ଦ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ବନ୍ଧକ ଶ୍ରମ




ପାଇଁ ହେଉଥିବା ମାନବ ଚାଲାଣକୁ ରୋକିବା ଲକ୍ଷ୍ୟରେ ପ୍ରତିରୋଧ, ଉଦ୍ଧାର, ପୁନର୍ବାସ ଏବଂ ନ୍ୟାୟ ପ୍ରାପ୍ତି କ୍ଷେତ୍ରରେ ସରକାରୀ ବିଭାଗ ଓ ଅନ୍ୟ ଅନୁଷ୍ଠାନମାନଙ୍କ ମଧ୍ୟରେ ସମନ୍ୱିତ ପଦକ୍ଷେପକୁ କିପରି ଆହୁରି ସୁଦୃଢ଼ କରାଯାଇପାରିବ, ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମର ଆରମ୍ଭ ଅତିଥିମାନଙ୍କ ଆଗମନ ପରେ ପ୍ରଦୀପ ପ୍ରଜ୍ୱଳନ ଓ 'ବନ୍ଦେ ଉତ୍କଳ ଜନନୀ' ଗାନ ପରିବେଷଣ ମାଧ୍ୟମରେ ହୋଇଥିଲା । ପରେ ଆୟୋଜକଙ୍କ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ କିଟ୍ ସ୍କୁଲ ଅଫ୍ ଲ'ର ସହଯୋଗୀ ଅଧ୍ୟାପିକା ଡ଼. ଜିନତ ତାହେର ପରିଚାଳନା କରିଥିଲେ । ସ୍ୱାଗତ ଭାଷଣରେ କିଟ୍ ଡିମ୍ଡ ଟୁ ବି ୟୁନିଭର୍ସିଟିର ପ୍ରୋ-ଭାଇସ୍ ଚାନସେଲର ପ୍ରଫେସର ରାଜୁ କେ.ଡି. ବିଶିଷ୍ଟ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ସମାଜର ଅସହାୟ ଓ ବଂଚିତ ବର୍ଗର ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷା ପ୍ରତି ସମସ୍ତଙ୍କ ସାମୂହିକ ପ୍ରତିବଦ୍ଧତାର ପ୍ରତିଫଳନ ହେଉଛି ଏହି ପରାମର୍ଶ ବୈଠକ । ସେ କହିଥିଲେ, ଆଇନ ଶିକ୍ଷା, ଗବେଷଣା ଏବଂ ସମାଜ ସହ ସମ୍ପୃକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ନ୍ୟାୟ ପ୍ରତିଷ୍ଠା କରିବାରେ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରାମର୍ଶ ବୈଠକର ଆଲୋଚନା ବନ୍ଧକ ଶ୍ରମ ଓ ମାନବ ଚାଲାଣ ନିରାକରଣ ପାଇଁ ଆହୁରି ସଶକ୍ତ ପ୍ରତିଷ୍ଠାନଗତ ବ୍ୟବସ୍ଥା ଗଠନରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସଭାପତିଙ୍କ ଅଭିଭାଷଣରେ କିଟ୍ ଡିମ୍ଡ ଟୁ ବି ୟୁନିଭର୍ସିଟିର କୁଳପତି ପ୍ରଫେସର (ଡ଼.) ଶରଣଜିତ ସିଂହ ମାନବ ଚାଲାଣର ମୂଳ କାରଣକୁ ଦୂର କରିବା ପାଇଁ ସ୍ଥାନୀୟ ସ୍ତରରେ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ ।

# କମନୱେଲଥ୍ ଗେମ୍ସ : ନୀରଜଙ୍କୁ ସିଲଭର

ଗ୍ଲାସଗୋ : କମନୱେଲଥ୍ ଗେମ୍ସର ଅଷ୍ଟମ ଦିନରେ ଭାରତୀୟ



ଆଥଲେଟ୍‌ମାନେ ଦମଦାର ପ୍ରଦର୍ଶନ କରିଛନ୍ତି । ଶୁକ୍ରବାର ଦିନ ଭାରତ ମୋଟ ୬ଟି ମେଡାଲ (୨ଟି ଗୋଲ୍ଡ, ୨ଟି ସିଲଭର୍ ଏବଂ ୨ଟି ବ୍ରୋଞ୍ଜ) ନିଜ ନାମରେ କରିଛି । ଏହା ସହିତ ଭାରତର ମୋଟ ମେଡାଲ ସଂଖ୍ୟା ୨୩ (୫ ଗୋଲ୍ଡ, ୧୨ ସିଲଭର, ୬ ବ୍ରୋଞ୍ଜ)ରେ ପହଂଚିବା ସହ ମେଡାଲ ତାଲିକାର ୧୦ମ ସ୍ଥାନରେ ରହିଛି । ଜୁଡୋରେ ଭାରତ ଐତିହାସିକ ପ୍ରଦର୍ଶନ କରି ୩ଟି ପଦକ ଜିତିଥିଲା । କମନୱେଲଥ୍ ଗେମ୍ସ ଇତିହାସରେ ଭାରତ ପାଇଁ ଜୁଡୋ (୪୮ କିଗ୍ରା)ରେ ଅସ୍ମିତା ଡେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ନୂଆ ଇତିହାସ ରଚିଛନ୍ତି । ଅସ୍ମିତାଙ୍କ ବିଜୟର ମାତ୍ର ୧୫ ମିନିଟ୍ ପରେ ହର୍ଷ (୬୦ କିଗ୍ରା) ଭାରତକୁ ଦ୍ୱିତୀୟ ଗୋଲ୍ଡ ଦେଇଥିଲେ । ୫୭ କିଗ୍ରା ବର୍ଗରେ ୟାମିନୀ ମୌର୍ଯ୍ୟ ରୌପ୍ୟ ପଦକ ହାସଲ କରିଛନ୍ତି । ଜାଭେଲିନ୍ ଥ୍ରୋରେ ନୀରଜ ଚୋପ୍ରା ୮୫.୮୩ ମିଟର ଥ୍ରୋ କରି ସିଲଭର, ଯଶବୀର ସିଂହ ୮୫.୪୧ ମିଟର ବେଷ୍ଟ ପ୍ରଦର୍ଶନ ସହ ବ୍ରୋଞ୍ଜ, ଶ୍ରୀଲଙ୍କାର ରୁମେଶ ପଥିରାଜେ ୮୯.୭୫ ମିଟର ଥ୍ରୋ କରି ଗୋଲ୍ଡ ମେଡାଲ ହାସଲ କରିଛନ୍ତି । ତେଜସ୍ୱିନ ଶଙ୍କର ୭୯୭୬ ପଏଂଟ ସହ ଡେକାଥଲନ୍‌ରେ ବ୍ରୋଞ୍ଜ ମେଡାଲ ଜିତିଛନ୍ତି । କମନୱେଲଥ୍ ଗେମ୍ସର ଡେକାଥଲନ୍ (୧୦ଟି ଅଲଗା ଅଲଗା ଇଭେଂଟ)ରେ ମେଡାଲ ଜିତିବାରେ ସେ ପ୍ରଥମ ଭାରତୀୟ ଆଥଲେଟ ହୋଇଛନ୍ତି । ଗ୍ରେନାଡାର ଲିଣ୍ଡନ ୱିକ୍ଟର (ଗୋଲ୍ଡ) ଏବଂ ଡେମିୟନ ୱାର୍ନର (ସିଲଭର) ଜିତିଛନ୍ତି । ବକ୍ସିଂରେ ୧୦ ଜଣ ଭାରତୀୟ ଫାଇନାଲରେ ପ୍ରବେଶ କରିଛନ୍ତି । ମହିଳା ବର୍ଗରେ ପ୍ରୀତି ପୱାର , ସାକ୍ଷୀ ଚୌଧୁରୀ, ଜାସମିନ୍ ଲମ୍ବୋରିଆ, ଅରୁନ୍ଧତୀ ଚୌଧୁରୀ, ପ୍ରିୟା ଘଂଘାସ ଏବଂ ଲଭଲିନା ବୋରଗୋହେନ ଏବଂ ପୁରୁଷ ବର୍ଗରେ ଅଙ୍କୁଶ ଫଂଘାଲ , ଜାଦୁମଣି ସିଂହ, ସଚିନ୍ ସିୱାଚ୍ ଏବଂ ନରେନ୍ଦ୍ର ବେରୱାଲ ପ୍ରବେଶ କରିଛନ୍ତି ।

# ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ଖେଳିବେ ଯଶପ୍ରୀତ ବୁମରା

ନୂଆଦିଲ୍ଲୀ : ଭାରତର ଶ୍ରେଷ୍ଠ ପେସ୍ ବୋଲର ଯଶପ୍ରୀତ ବୁମରା ଫିଟ୍ନେସ୍ ଟେଷ୍ଟରେ ଉତୀର୍ଣ୍ଣ ହୋଇଛନ୍ତି । ଫଳରେ ଆଗାମୀ ଶ୍ରୀଲଙ୍କା ଗସ୍ତରେ ସେ




୨ଟି ଯାକ ଟେଷ୍ଟ ଖେଳିବା ନିଶ୍ଚିତ ହୋଇଛି । ଆସନ୍ତା ୪ ତାରିଖରେ ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତ କରି ୨ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ । ୧୫ ତାରିଖରୁ ଟେଷ୍ଟ ସିରିଜ ଆରମ୍ଭ ହୋଇ ୨୭ ତାରିଖରେ ଶେଷ ହେବ । ୩ ତାରିଖ ଦିନ ଭାରତୀୟ ଦଳର ସମସ୍ତ ସଦସ୍ୟ ମୁମ୍ବାଇରେ ଏକତ୍ରିତ ହେବାକୁ ନିର୍ଦ୍ଦେଶ ରହିଛି । ବୁମରା ଗତ ଇଂଲଣ୍ଡ ଗସ୍ତ ସମୟରେ ଆହତ ହୋଇଥିଲେ । ଅଭ୍ୟାସ ସମୟରେ ବାମ ଆଣ୍ଠୁରେ ଆଘାତ ଯୋଗୁଁ ସେ ତୃତୀୟ ଦିନିକିଆ ଖେଳିପାରି ନଥିଲେ । ଶ୍ରୀଲଙ୍କା ଗସ୍ତ ପାଇଁ ଚୟନ କମିଟି ତାଙ୍କୁ ଟେଷ୍ଟ ଦଳରେ ସ୍ଥାନ ଦେଇଥିଲେ ହେଁ ଫିଟ୍‌ନେସ୍ ଟେଷ୍ଟ ଉପରେ ତାଙ୍କ ଖେଳିବା ନିର୍ଭର କରିବ ବୋଲି ସ୍ପଷ୍ଟ କରିଥିଲା । ବେଙ୍ଗାଲୁରୁ ସ୍ଥିତ ବିସିସିଆଇ ଉତ୍କର୍ଷ କେନ୍ଦ୍ର (ଏନ୍‌ସିଏ) ପକ୍ଷରୁ ତାଙ୍କୁ ଫିଟ୍ ଘୋଷଣା କରାଯାଇଛି । ସେ ସମ୍ପ୍ରତି ଏନସିଏରେ ରହି ମ୍ୟାଚ ଫିଟ୍‌ନେସ୍ ଫେରି ପାଇବାକୁ ପ୍ରସ୍ତୁତି ଚଳାଇଛନ୍ତି । ଆଜିଠୁ ସେ ବୋଲିଂ ଅଭ୍ୟାସ ଆରମ୍ଭ କରିବେ ବୋଲି ଜଣା ପଡ଼ିଛି । ବୁମରାଙ୍କ ବ୍ୟତୀତ ଆଉ କିଛି ଖେଳାଳି ସମ୍ପ୍ରତି ଏନ୍ସିଏରେ ଚିକିତ୍ସିତ ହେଉଛନ୍ତି । ଇଂଲଣ୍ଡ ଗସ୍ତରେ ଆହତ ହୋଇଥିବା ୱାସିଂଟନ ସୁନ୍ଦର ଫିଟ୍ ହୋଇ ନଥିବାବେଳେ ହର୍ଷିତ ରାଣା ଓ ନୀତିଶ କୁମାର ରେଡ୍ଡୀଙ୍କୁ ଫିଟ୍ ହେବା ପାଇଁ ଦୀର୍ଘ ସମୟ ଲାଗିବ ବୋଲି ଜଣା ପଡ଼ିଛି । ସୁନ୍ଦର ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଫିଟ୍ ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

# ବକ୍ସିଂରେ ସ୍ୱର୍ଣ୍ଣ ପଦକ ଜିତିଲେ ଜସମିନ୍ ଲାମ୍ବୋରିଆ

ନୂଆଦିଲ୍ଲୀ : ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ବକ୍ସରମାନେ ଆଶା ପୂରଣ କରିଛନ୍ତି । ଏହି ସଫଳତାରେ ପ୍ରମୁଖ ଭାରତୀୟ ମହିଳା ବକ୍ସର ଜସମିନ୍ ଏକ ଚମତ୍କାର ଅବଦାନ ରଖିଛନ୍ତି । ବର୍ତ୍ତମାନ ବିଶ୍ୱ ଚାମ୍ପିଅନ୍ ଜସମିନ୍ ଲାମ୍ବୋରିଆ



ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଚାମ୍ପିଅନ୍ ହୋଇଛନ୍ତି । ଚାରି ବର୍ଷ ପୂର୍ବେ ବର୍ମିଂହାମରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଥିବା ଜସମିନ୍ ଏଥର ତାଙ୍କ ପ୍ରଦର୍ଶନରେ ଉନ୍ନତି ଆଣି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଶନିବାର, ଅଗଷ୍ଟ ୧ ତାରିଖରେ ମହିଳା ୫୭ କିଲୋଗ୍ରାମ ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି, ଜସ୍ମିନ୍ ଏକପାଖିଆ ଫାଇନାଲରେ ଉତର ଆୟର୍ଲାଣ୍ଡର ଡିଫେଣ୍ଡିଂ ଚାମ୍ପିଅନ୍ ମାଇକେଲା ୱାଲ୍ସଙ୍କୁ ୫-୦ରେ ପରାସ୍ତ କରିଥିଲେ । ଏହିପରି ସେ ୨୦୨୬ ରାଜ୍ୟ ଗୋଷ୍ଠୀ କ୍ରିଡ଼ାରେ ବକ୍ସିଂ ସ୍ୱର୍ଣ୍ଣ ଜିତିଥିବା ଦ୍ୱିତୀୟ ଭାରତୀୟ ହୋଇଛନ୍ତି । ତାଙ୍କ ପୂର୍ବରୁ, ପ୍ରୀତି ପାୱାର ୫୪ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଭାରତକୁ ଏକ ଚମତ୍କାର ଆରମ୍ଭ ଭେଟି ଦେଇଥିଲେ । ହରିୟାଣା ଭିୱାନିର ୨୪ ବର୍ଷୀୟା ଜସ୍ମିନ ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ଅନେକ ସଫଳତା ହାସଲ କରିଛନ୍ତି । ସେ ଗ୍ଲାସଗୋ ଗେମ୍ସରେ ଜିତିଥିବା ସ୍ୱର୍ଣ୍ଣ ପଦକ ତାଙ୍କ ଯାତ୍ରାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଉଲ୍ଲେଖଯୋଗ୍ୟ ଯେ, ଯୁକ୍ତରାଜ୍ୟ ନିରନ୍ତର ତାଙ୍କୁ ସଫଳତା ଆଣି ଦେଇଛି । ଇଂଲଣ୍ଡରେ ସେ ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ବିଶ୍ୱ ଚାମ୍ପିଅନସିପରେ ପଦକ ଜିତିଥିଲେ । ସେ ପ୍ରଥମେ ବର୍ମିଂହାମ ୨୦୨୨ ଗେମ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ, ତା'ପରେ ୨୦୨୫ ରେ ଇଂଲଣ୍ଡର ଲିଭରପୁଲରେ ବିଶ୍ୱ ଚାମ୍ପିଅନ ହୋଇଥିଲେ । ଏବେ, ସେ ସ୍କଟଲ୍ୟାଣ୍ଡରେ ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡା ଚାମ୍ପିଅନ ହୋଇଛନ୍ତି, ଯାହା ୟୁକେର ଏକ ଅଂଶ । ଜସ୍ମିନଙ୍କ ପରିବାରର ବକ୍ସିଂ ସହିତ ଗଭୀର ସମ୍ପର୍କ ଅଛି । ଜସ୍ମିନଙ୍କ ଜେଜେ ହାୱା ସିଂହ, ଜଣେ ପ୍ରସିଦ୍ଧ ବକ୍ସର ଏବଂ ଏସୀୟ କ୍ରୀଡ଼ାର ସ୍ୱର୍ଣ୍ଣ ପଦକ ବିଜେତା ଥିଲେ । ଜସ୍ମିନ ତାଙ୍କ କାକା, ସନ୍ଦୀପ ସିଂହ ଏବଂ ପରବିନ୍ଦର ସିଂହଙ୍କଠାରୁ ବକ୍ସିଂ ତାଲିମ ପାଇଥିଲେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**